ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 15 | 10 - 16 April 2022 | Sambalpur | Page-12 | Invitation Price Rs.10

## ପୌର ଉପାଧ୍ୟକ୍ଷ ନିର୍ବାଚନରେ ମଧ୍ୟ ବିଜେଡ଼ିର ବାଜିମାତ୍

ଭୁବନେଶ୍ୱର: ରାଜ୍ୟର ୧୦୫ ପୌର ପରିଷଦ/ ଏନ୍.ଏ.ସି ଉପାଧ୍ୟକ୍ଷ ପଦବୀ ନିର୍ବାଚନ ଶେଷ ହୋଇଛି । ଏହି ନିର୍ବାଚନରେ ମଧ ବିଜେଡିକୁ ବିପୁଳ ସଫଳତା ମିଳିଛି । ବିଜେଡି ୯୧ଟି ଉପାଧ୍ୟକ୍ଷ ପଦ ହାତେଇଛି । ଭାଜପାକୁ ମାତ୍ର ୬ଟି ଉପାଧ୍ୟକ୍ଷ ପଦବୀରେ ସନ୍ତୁଷ୍ଟ ହେବାକୁ ପଡିଛି । ତେବେ ଅନ୍ୟ ୮ଟି ପୌର ପରିଷଦ ଓ ଏନ.ଏ.ସିରେ କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି । ତେବେ ଉପାଧ୍ୟକ୍ଷ ପାଇଁ ଆବଶ୍ୟକ ସଂଖ୍ୟା ଥିଲେ ମଧ ଅନେକ ପୌରାଞ୍ଚଳରେ ବିଜେଡିକୁ ନିରାଶ ହେବାକୁ ପଡିଛି । ବିରୋଧୀ ବିଜେଡିକୁ ଚକମା ଦେଇଛନ୍ତି ।

କେଉଁଠି ଭାଜପା, କଂଗ୍ରେସ ତ କେଉଁଠି ସ୍ୱାଧୀନ ପ୍ରାର୍ଥୀମାନେ ବାଜି ମାରିଛନ୍ତି । କ୍ରସ ଭୋଟିଂ ଯୋଗୁଁ ଏଭଳି ହୋଇଥିବା ଜଣା ପଡ଼ିଛି । କାଉନସିଲରମାନେ କାହାକୁ ଭୋଟ ଦେଉଛନ୍ତି ତାହା ଦଳୀୟ ଏଜେଣ୍ଟଙ୍କୁ ଦେଖାଇବାକୁ ଥିବା ସତ୍ତ୍ୱେ କେତେକ ସ୍ଥାନରେ ବିଜେଡିର କ୍ରସ ଭୋଟିଂ ହୋଇଥିବା ସୂଚନା ମିଳିଛି । ଜଗତସିଂହପୁର, ପାରାଦୀପ, ରେଢାଖୋଲ, ଖରିଆର ପୌର ପରିଷଦ ଅଧ୍ୟକ୍ଷ ପଦବୀ ବିଜେଡି ହାତରୁ ଖସି ଯାଇଛି ।

ଜଗତସିଂହପୁରରେ ୧୦ଟି କାଉନସିଲର ଥିଲେ ବି ଉପାଧ୍ୟକ୍ଷ ପଦବୀ ଭାଜପା ହାତକୁ ଯାଇଛି । ସ୍ୱାଧୀନ ଓ କଂଗ୍ରେସ ସହଯୋଗରେ ଭାଜପା ଏହି ଆସନ ହାତେଇବାରେ ସଫଳ ହୋଇଛି । ସେହିପରି ପାରାଦୀପ ମ୍ୟୁନିସିପାଲିଟିରେ ବିଜେଡିର ୭ଟି କାଉନସିଲର ଥିବାବେଳେ ବିଜେଡି ପ୍ରାର୍ଥୀଙ୍କୁ ୬ଟି ଭୋଟ ମିଳିଛି । ଏଠାରେ ଜଣେ ବିଜେଡି କାଉନସିଲର କ୍ରସ ଭୋଟିଂ କରିଥିବାବେଳେ ସେ କିଏ ତାହା ସ୍ପଷ୍ଟ ହୋଇନାହିଁ । ଏହି ପୌରାଞ୍ଚଳରେ କଂଗ୍ରେସ ନେତା ବାପି ସର୍କେଲଙ୍କ ସମର୍ଥିତ ପ୍ରାର୍ଥୀ ଛବିଲତା ରାଉତଙ୍କୁ ୧୦ଟି ଭୋଟ ମିଳିଛି । ସେହିପରି ରେଢାଖୋଲ ଏନଏସିରେ ବିଜେଡିର ୬, ଭାଜପାର ୬ ଓ କଂଗ୍ରେସର ଜଣେ କାଉନସିଲର ଥିବା ବେଳେ ଭାଜପା ବାଜି ମାରି ନେଇଛି । ସେହିପରି ଉଦଳାରେ ଭାଜପାର ଅଧ୍ୟକ୍ଷ ଥିବା ବେଳେ ବିଜେଡି ଉପାଧ୍ୟକ୍ଷ ପଦବୀ ହାତେଇବାରେ ସଫଳ ହେଇଛି । ଦଶପଲ୍ଲାରେ ସ୍ୱାଧୀନ ପ୍ରାର୍ଥୀ ଅଧ୍ୟକ୍ଷ ଥିବା ବେଳେ ବିଜେଡି ପ୍ରାର୍ଥୀ ଉପାଧ୍ୟକ୍ଷ ହୋଇଛନ୍ତି ।

## ରାଷ୍ଟ୍ରୀୟ ନବବର୍ଷକୁ ସ୍ୱାଗତ ଜଣାଇ 'ସମର୍ଥନ'ର ସଙ୍ଗୀତ ସନ୍ଧ୍ୟା



ସମ୍ବଲପୁର: ରାଷ୍ଟ୍ରୀୟ ନବବର୍ଷକୁ ସ୍ୱାଗତ ଜଣାଇ 'ସମର୍ଥନ' ସଂସ୍ଥା ଏକ ନିଆରା କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ଚୈତ୍ର ଶୁକ୍ଳ ପ୍ରତିପଦା ଲଗ୍ନରେ ଓ ରାଷ୍ଟ୍ରୀୟ ବାସନ୍ତୀକ ନବରାତ୍ର ନବବର୍ଷ ଅବସରରେ ସ୍ଥାନୀୟ ଆରଣ୍ୟକ ମଞ୍ଚରେ ଓଡ଼ିଆ ଚଳଚ୍ଚିତ୍ର ସଂଗୀତର କାର୍ଯ୍ୟକ୍ରମ 'ସୀମାହୀନ ଦରିଆ' ନାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ପ୍ରସିଦ୍ଧ କଣ୍ଠଶିଳ୍ପୀ ଓଡ଼ିଆ ଚଳଚ୍ଚିତ୍ରର ପୁରୁଣା ସଙ୍ଗୀତ ଗାନ କରି ନବବର୍ଷକୁ ସ୍ୱାଗତ କରିଥିଲେ । 'ସମର୍ଥନ'ର ସଭାପତି ଅଧାପକ ବିଶ୍ୱରଞ୍ଜନ ପୂଜାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ଅମରନାଥ ମିଶ୍ର ମନ୍ତ୍ର ଉଚ୍ଚାରଣ କରିଥିଲେ । ଏଥିରେ ଆର୍.ଏସ୍.ଏସ୍.ର ପଶ୍ଚିମ ପ୍ରାନ୍ତ ମୁଖ୍ୟ ଅଧାପକ ବିପିନ ନନ୍ଦଙ୍କ ସମେତ ଡକ୍ଟର ସୁଦର୍ଶନ ପୂଜାରୀ, ଡକ୍ଟର ଶ୍ୟାମ ସୁନ୍ଦର ଧର, ବ୍ରଜେନ୍ଦ୍ର ନାୟକ, କବି ରାମକୃଷ୍ଣ ସାହୁ ପ୍ରମୁଖ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଉଦଘାଟନ କରି ନବ ବର୍ଷର ଶୁଭେଚ୍ଛା ଜଣାଇଥିଲେ । ବିଭୂତି ଦାଶ ଓ ସ୍ୱାଗତିକା ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଂଗୀତ କାର୍ଯ୍ୟକ୍ରମରେ ରିଙ୍କୁ ପାଢୀ, ସୁବାସ ଭାଇ, ଉମେଶ ଦଳେଇ ବାଦ୍ୟଯନ୍ତ୍ର ପରିଚାଳନା କରିଥିବା ବେଳେ ସରୋଜ ମହାନ୍ତି ଶବ୍ଦ ପରିଚାଳନା କରିଥିଲେ । ଏଥିରେ ବିଭୂତି ପଟ୍ଟନାୟକ, ଡ. ରାଜେନ୍ଦ୍ର ସିଂହ, ଡ. ସବିତା ହୋତା, ବିଭୂତି ଦାସ, ଶ୍ରୀକାନ୍ତ ବାରିକ, ମୁନୁ ସାଏଦେଓ, ପ୍ରିୟଦର୍ଶିନୀ ନାଥ, ରବୀନ୍ଦ୍ର ପଣ୍ଡା, ଶୁଭ୍ରକାନ୍ତ ପଟ୍ଟନାୟକ, ପ୍ରତିମା ସାହୁ, ସପନ ଡାଲି, ସୁବାସ ତ୍ରିପାଠୀ, ସ୍ୱାଗତିକା ପଣ୍ଡା, ସୋମ ପାଢୀ, ଅପର୍ଣ୍ଣା ଆଚାର୍ଯ୍ୟ, ସୁନନ୍ଦା ପାଣିଗ୍ରାହୀ ପ୍ରମୁଖ କରି ମନ୍ତ୍ରମୁଗ୍ଧ ମନଛୁଆଁ ଗୀତ ପରିବେଷଣ କରିଥିଲେ ।

## ରେଢ଼ାଖୋଲରେ ବିଜେପି ଓ କୁଚିଣ୍ଡାରେ ବିଜେଡ଼ି ଉପାଧ୍ୟକ୍ଷ

ସମ୍ବଲପୁର: ରେଢ଼ାଖୋଲ ଏନଏସିର ଉପାଧ୍ୟକ୍ଷା ଭାବେ ୧ନଂ ୱାର୍ଡ କାଉନସିଲର ଭାଜପାର ଅନସୂୟା ପ୍ରଧାନ ନିର୍ବାଚିତ ହୋଇଛନ୍ତି । ଏନଏସିର ୧୩ କାଉନସିଲରଙ୍କ ମଧ୍ୟରୁ ଅନସୂୟା ୭ଟି ଭୋଟ ପାଇଥିଲେ । ବିଜେଡି ପ୍ରାର୍ଥିନୀ ତପସ୍ୱିନୀ ମହାକୁଡଙ୍କୁ ୬ କାଉନ୍ସିଲରଙ୍କ ସମର୍ଥନ ମିଳିଥିଲା । ସୂଚନାଯୋଗ୍ୟ ଏନ୍ଏସିର ୧୩ ୱାର୍ଡରୁ ବିଜେଡି ୬ ଓ ଭାଜପା ୬ ଆସନ ଦଖଲ କରିଥିବା ବେଳେ କଂଗ୍ରେସ ଗୋଟିଏରେ ବିଜୟୀ ହୋଇଥିଲା । କଂଗ୍ରେସ ସମର୍ଥନରେ ଭାଜପା ଉପାଧ୍ୟକ୍ଷ ପ୍ରାର୍ଥିନୀ ବିଜୟୀ ହୋଇଛନ୍ତି । ଏଠାରେ ଭାଜପାର ଶିବରାମ ସାହୁ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ । ସେହିପରି କୁଚିଣ୍ଡା ଏନ୍ଏସି ଉପାଧ୍ୟକ୍ଷ ନିର୍ବାଚନରେ ୭ନଂ ୱାର୍ଡ କାଉନସିଲର ଦେବଯାନୀ କାଲୋ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ୧୧ ୱାର୍ଡ ବିଶିଷ୍ଟ ଏନ୍.ଏ.ସିରେ ବିଜେଡି ୯ଟି ୱାର୍ଡ ଦଖଲ କରିଥିବା ବେଳେ ୨ଟି ଆସନ ଭାଜପା ପାଇଥିଲା ।





## ଝାରସୁଗୁଡ଼ା ଜିଲ୍ଲାରେ ସବୁ ପୌର ଉପାଧ୍ୟକ୍ଷ ବିଜେଡିର







ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲାରେ ଅନୁଷ୍ଠିତ ପୌର ଉପାଧ୍ୟକ୍ଷ ନିର୍ବାଚନରେ ଶାସକ ବିଜେଡି ବାଜିମାତ କରିଛି । ଜିଲ୍ଲାର ୩ ପୌର ପରିଷଦରେ ବିଜେଡି ପ୍ରାର୍ଥୀମାନେ ଉପାଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ପୂର୍ବରୁ ଅନୁଷ୍ଠିତ ପୌରାଧ୍ୟକ୍ଷ ନିର୍ବାଚନରେ ଜିଲ୍ଲାର ଦୁଇଟି ପୌରପରିଷଦରେ ବିଜେଡି ବିଜୟୀ ହୋଇଥିବା ବେଳେ କେବଳ ବେଲପାହାଡ଼ ପୌର ପରିଷଦରେ କଂଗ୍ରେସ ଅଧ୍ୟକ୍ଷ ପଦ ହାତେଇବାରେ ସକ୍ଷମ ହୋଇଥିଲା । ତେବେ ବିରୋଧୀ କଂଗ୍ରେସ ଓ ବିଜେପି ଦଳରୁ କମ୍ ସଂଖ୍ୟକ କାଉନସିଲର ନିର୍ବାଚିତ ହୋଇଥିବାରୁ ଏହି ପୌର ପରିଷଦର ଉପାଧ୍ୟକ୍ଷ ପଦ ଶାସକ ବିଜେଡି ସପକ୍ଷରେ ଯାଇଛି । ଝାରସୁଗୁଡ଼ା ପୌରପରିଷଦର ଦୁଇ ନମ୍ବର ୱାର୍ଡର ବିଜେଡି କାଉନସିଲର ବେଣୁଗୋପାଳ ପାଣିଗ୍ରାହୀ ଉପାଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଶ୍ରୀ ପାଣିଗ୍ରାହୀ ଗତ ପୌର ନିର୍ବାଚନରେ ମଧ କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ । ବ୍ରଜରାଜନଗର ପୌର ପରିଷଦ ଉପାଧ୍ୟକ୍ଷ ଭାବେ କ୍ରିଷ୍ଣାଗୋପାଳ ସିତାନୀ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ସିତାନୀ ୯ ନମ୍ବର ୱାର୍ଡରୁ କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ । ସେ ତୃତୀୟ ଥର ପାଇଁ କାଉନସିଲର ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି ବେଲପାହାଡ଼ ପୌର ପରିଷଦ ଉପାଧ୍ୟକ୍ଷ ଭାବେ ରୀନା ସୁନା ନିର୍ବାଚିତ ହୋଇଛନ୍ତି । ଗତ ପଞ୍ଚାୟତ ନିର୍ବାଚନରେ ଶାସକ ବିଜେଡି ଦଳ ଜିଲ୍ଲାର ୯ ଟି ଯାକ ଜିଲ୍ଲା ପରିଷଦ ଓ ୫ଟି ବ୍ଲକରେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦ ହାତେଇବାକୁ ସକ୍ଷମ ହୋଇଥିବା ବେଳେ ପୌର ନିର୍ବାଚନରେ ମଧ ଜିଲ୍ଲାରେ ବିଜେଡି ବାଜିମାତ କରିଛି ।

## ବରଗଡ଼ ଜିଲ୍ଲାର ସବୁ ପୌର ଉପାଧ୍ୟକ୍ଷ ନିର୍ଦ୍ୱନ୍ଦରେ ନିର୍ବାଚିତ

ବରଗଡ଼: ବରଗଡ଼ ଜିଲ୍ଲାର ସବୁ ପୌର ଉପାଧ୍ୟକ୍ଷ ପଦ ବିଜେଡି ଅକ୍ତିଆରକୁ ଆସିଛି । ଏଥିଲାଗି ଜିଲ୍ଲାର ବରଗଡ଼ ପୌରପରିଷଦ ସହିତ ବରପାଲି, ବିଜେପୁର ଓ ପଦ୍ମପୁର ଏନଏସି ପାଇଁ ଉପାଧ୍ୟକ୍ଷ ନିର୍ବାଚନ ଅନୁଷ୍ଠିତ ହୋଇ ଫଳାଫଳ ଘୋଷଣା କରାଯାଇଛି । ଜିଲ୍ଲାର ସବୁ ପୌର ପରିଷଦର ଉପାଧ୍ୟକ୍ଷ ଭାବେ ବିଜେଡି ସମର୍ଥିତ କାଉନସିଲର ନିର୍ବାଚିତ ହୋଇଛନ୍ତି । ବରଗଡ଼ ମ୍ୟୁନିସିପାଲିଟି ପାଇଁ ୭ ନମ୍ବର ୱାର୍ଡର କାଉନସିଲର ରାଜେଶ ଅଗ୍ରୱାଲ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବାବେଳେ ପଦ୍ମପୁର ଏନଏସି ଉପାଧ୍ୟକ୍ଷା ଭାବେ ୪ନଂ ୱାର୍ଡର କାଉନସିଲର ଭାରତୀ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି । ପଦ୍ମପୁର ଉପାଧ୍ୟକ୍ଷ ନିର୍ବାଚନ ବେଳେ ରାଜ୍ୟ ମହିଳା ବିଜେଡି ସଭାନେତ୍ରୀ ତଥା ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଅବଜରଭର ଭାବେ ଯୋଗ ଦେଇଥିଲେ । ସେହିପରି ବିଜେପୁର ଏନଏସି ଉପାଧ୍ୟକ୍ଷ ଭାବେ ୭ନଂ. ୱାର୍ଡର ବିଜେଡି କାଉନସିଲର ଉମାକାନ୍ତ ବେସନ ନିର୍ବାଚିତ ହୋଇଛନ୍ତି । ବରପାଲି ଏନଏସି ଉପାଧ୍ୟକ୍ଷା ଭାବେ ବିଜେଡିର ସୁଚରିତା ଜେନା ନିର୍ବାଚିତ ହୋଇଥିବା ଜଣାପଡ଼ିଛି ।









## ଏ ସଂଖ୍ୟାରେ..



ସ୍ୱାସ୍ଥ୍ୟପ୍ରଦ ଅଙ୍ଗୁର



ଶରୀର ପାଇଁ ହିତକର ଅଦା



ସ୍ୱାସ୍ଥ୍ୟୋପକାରୀ କଖାରୁ ଫୁଲ



ଶରୀର ପାଇଁ ଉପକାରୀ ହେଙ୍ଗୁ



ଲିଚୁର ଉପକାରିତା

# ରାଜ୍ୟର ଅଭିବୃଦ୍ଧି ହାର ୧୦.୧% ଆକଳନ

ଭୁବନେଶ୍ୱର : କ୍ରମାଗତ ପ୍ରାକୃତିକ୍ ବିପର୍ଯ୍ୟୟ ପ୍ରଭାବିତ ଓଡ଼ିଶା କୋଭିଡ଼ ମହାମାରୀର ନକରାତ୍ମକ ପ୍ରଭାବ ସତ୍ତ୍ୱେ ହାସଲ କରିଛି ଚମତ୍କାର ଅଭିବୃଦ୍ଧି । ରାଜ୍ୟର ଅର୍ଥନୀତିକୁ କୃଷି, ସେବା ଓ ଶିଳ୍ପ କ୍ଷେତ୍ରର ଉଲ୍ଲେଖନୀୟ ଯୋଗଦାନ ଯୋଗୁଁ ରାଜ୍ୟବାସୀଙ୍କ ହାରାହାରି ମୁଣ୍ଡପିଛା ଆୟ ସନ୍ତୋଷଜନକ ରହିଛି । ୨୦୨୧-୨୨ ଆର୍ଥିକ ବର୍ଷରେ ଓଡ଼ିଶାର ଅଭିବୃଦ୍ଧି ହାର ଦେଶର ଅଭିବୃଦ୍ଧି ହାରକୁ ଅତିକ୍ରମ କରି ୧୦.୧% ଆକଳନ କରାଯାଇଛି । ଅନୁରୂପ ଭାବରେ ଗତ ଆର୍ଥିକ ବର୍ଷ ତୁଳନାରେ ରାଜ୍ୟବାସୀଙ୍କ ହାରାହାରି ମୁଣ୍ଡପିଛା ଆୟ ୧୬.୮%, ବୃଦ୍ଧି ପାଇ ୧,୨୭,୩୮୩ରେ ପହଞ୍ଚିଛି । ବିଧାନସଭାରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରିପୋର୍ଟରେ ପ୍ରକାଶିତ ହୋଇଛି ରାଜ୍ୟର ଏହି ପ୍ରଭାବୀ ଅଭିବୃଦ୍ଧି ଓ ଆୟବୃଦ୍ଧିର ତଥ୍ୟ ।

ରିପୋର୍ଟ ଅନୁସାରେ ଚଳିତ ଆର୍ଥିକ ବର୍ଷରେ ଜାତୀୟ ଅଭିବୃଦ୍ଧି ହାର ୮.୮ % ରହିଥିବାବେଳେ ଓଡ଼ିଶାର ଅଭିବୃଦ୍ଧି ହାର ୧୦.୧% ହେବ ବୋଲି ଆକଳନ କରାଯାଇଛି । ଶିଳ୍ପ କ୍ଷେତ୍ରରେ ୧୪.୦୩%, ଖଣି କ୍ଷେତ୍ରରେ ୧୮.୧% ଅବିଭୃଦ୍ଧି ଯୋଗୁଁ ସାମଗ୍ରିକ ଭାବରେ ଶିଳ୍ପ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ ହେବ । ରାଜ୍ୟର ଅର୍ଥନୀତିକୁ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରୁ ୨୦ ୬%, ଶିଳ୍ପ କ୍ଷେତ୍ରରୁ ୩୯ ୫%, ସେବା କ୍ଷେତ୍ରରୁ ୩୯.୯% ଯୋଗଦାନ ମିଳିବା ଅଗ୍ରୀମ ଆକଳନ କରାଯାଇଛି । ଉଭୟ ନିଜସ୍ୱ ଟିକସ ଓ ଅଣଟିକସ ରାଜସ୍ୱ ସଂଗ୍ରହ ବୃଦ୍ଧି ଓ ମିତବ୍ୟୟିତ ଯୋଗୁଁ ଓଡ଼ିଶା ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇଛି ଏବଂ ଜିଏସ୍‌ଟିର ୩.୫% ମଧରେ ଆର୍ଥିକ ନିଅଣ୍ଟ ସାମିତ ରହିଛି ୨୦୨୧ରେ ୧.୦୭ ଲକ୍ଷ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇଥିବାବେଳ ୨୦୨୧-୨୨ରେ ଏହା ୧.୨୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ସେହିପରି ରାଜ୍ୟର ମୋଟ ବ୍ୟୟର ୭୨.୭% ବିକାଶମୂଳକ କାର୍ଯ୍ୟରେ ବ୍ୟୟ କରାଯାଉଛି । ଯାହାଫଳରେ ଏକ ସକାରାତ୍ମକସୂଚକ ଆର୍ଥିକ ପ୍ରତିବଦ୍ଧତା ପ୍ରଦର୍ଶିତ ହୋଇଛି ।

ଅନୁରୂପ ଭାବରେ ଓଡ଼ିଶାବାସୀଙ୍କ ମୁଣ୍ଡପିଛା ଆୟ ଚଳିତ ବର୍ଷ ୧୬.୮% ବୃଦ୍ଧି ପାଇଥିବା ଆକଳନ କରାଯାଇଛି । ସର୍ବଭାରତୀୟ ସ୍ତରରେ ମୁଣ୍ଡପିଛା ଆୟ ହାର ବୃଦ୍ଧି ୪.୮% ଥିବାବେଳେ ଓଡ଼ିଶାରେ ବୃଦ୍ଧିହାର ଯଥେଷ୍ଟ ଅଧିକ ରହିଛି । ୨୦୨୦ ୨୧ରେ ଏହା ଏହା ୧,୦୯,୦୭୧ ଟଙ୍କା ଥିବାବେଳେ ୨୦୨୧-୨୨ରେ ମୁଣ୍ଡପିଛା ଆୟ ୧,୨୭,୩୮୩ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ଅନୁରୂପ ଭାବରେ ସର୍ବଭାରତୀୟସ୍ତରରେ ମୁଦ୍ରାସ୍ଫୀତି ହାର ୫.୩% ପଞ୍ଜିକୃତ ହୋଇଥିବା ବେଳେ ଓଡ଼ିଶାରେ ଏହା ୨୭% ବୋଲି ଆକଳନ ହୋଇଛି । ରାଜ୍ୟର ସହରାଞ୍ଚଳରେ ମୋଟ ଜନସଂଖ୍ୟାର ୧୮.୫% ଜନସାଧାରଣ ବସବାସ କରୁଛନ୍ତି ଓ ଏହି ସଂଖ୍ୟା ୮୪ ଲକ୍ଷ ହେବା ଆକଳନ କରାଯାଉଛି । କେନ୍ଦ୍ର ସରକାରଙ୍କ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ସହଜ ଜୀବନ ସୂଚକାଙ୍କରେ ଭୁବନେଶ୍ୱର ଦେଶର ଶ୍ରେଷ୍ଠ ୧୦ ରାଜଧାନୀ ସହର ମଧରେ ଚତୁର୍ଥ ସ୍ଥାନରେ ସ୍ଥାନୀତ ହୋଇଛି । ପୁରୀ ଦେଶର ପ୍ରଥମ ସହର ଭାବରେ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଯୋଜନା କାର୍ଯ୍ୟକାରୀ କରିବାରେ ସମର୍ଥ ହୋଇଛି । ବସୁଧା ଯୋଜନା ଜରିଆରେ ରାଜ୍ୟ ସରକାର ସବୁ ଗ୍ରାମାଞ୍ଚଳକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରୁଛନ୍ତି ଏହା ସହିତ ୨୦୧୫ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମକୁ ସୁରକ୍ଷିତ ପାନୀୟ ଜଳ ଯୋଗାଣ ଲକ୍ଷ୍ୟ ରଖାଯାଇଛି । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଓଡ଼ିଶାର ସଫଳତା ଉଲ୍ଲେଖନୀୟ ବୋଲି ରିପୋର୍ଟରେ ପ୍ରଦର୍ଶିତ ହୋଇଛି । ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁ ହାର ଯଥେଷ୍ଟ ହ୍ରାସ ପାଇଛି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁସାରେ ଦେଶରେ ନବଜାତଙ୍କଠାରୁ ୨୩ ମାସ ବର୍ଗର ଶିଶୁମାନଙ୍କ ଟିକାକରଣ ହାର ୭୬.୪% ରହିଥିବା ବେଳେ ଓଡ଼ିଶାରେ ଏହା ୯୦,୫%ରେ ପହଞ୍ଚିଛି । ପୁନଶ୍ଚ ବିଦ୍ୟୁତ କ୍ଷେତ୍ରରେ ଓଡ଼ିଶା ବଳକା ରାଜ୍ୟରେ ପରିଣତ ହୋଇଛି ଓ ବାର୍ଷିକ ୮୦୧୮.୨୫ ମେଗାୱାଟ ବିଜୁଳି ଉତ୍ପାଦନ ହେଉଛି । ପୂର୍ବବର୍ଷ ରାଜ୍ୟରେ ୭୬୭୬.୬୯ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହେଉଥିବାବେଳେ ଚଳିତ ବର୍ଷ ଏହା ଯଥେଷ୍ଟ ବୃଦ୍ଧି ପାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ରାଜ୍ୟରେ ନାରୀ ସଶକ୍ତିକରଣ କ୍ଷେତ୍ରରେ ସରକାର ସକ୍ରିୟତାର ସହ କାର୍ଯ୍ୟ କରୁଛନ୍ତି । ମିଶନ ଶକ୍ତି ଜରିଆରେ ୬.୦୨ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀର ୭୯ ଲକ୍ଷ ମହିଳା ରୋଜଗାରକ୍ଷମ ହୋଇଛନ୍ତି । ନିର୍ବାଚନରେ ମହିଳାମାନଙ୍କ ପାଇଁ ୱାର୍ଡ଼ରୁ ଜିଲ୍ଲା ପରିଷଦ ସଭାପତିଙ୍କ ପର୍ଯ୍ୟନ୍ତ ୫୦% ସ୍ଥାନ ସଂରକ୍ଷିତ ରହୁଛି ଓ ପଞ୍ଚାୟତ ନିର୍ବାଚନରେ ଏହାର ଉଦାହରଣ ଦେଖିବାକୁ ମିଳିଛି । ମହିଳାମାନେ ରାଜ୍ୟର ମୋଟ ସରପଞ୍ଚ ପଦର ୫୬%, ସମିତି ସଭ୍ୟା ପଦର ୫୭%, ପଞ୍ଚାୟତ ସମିତି ଅଧକ୍ଷ ପଦର ୬୬%, ଜିଲ୍ଲା ପରିଷଦ ସଦସ୍ୟ ପଦର ୫୫% ଓ ଜିଲ୍ଲା ପରିଷଦ ଅଧକ୍ଷ ପଦର ୭୦% ଅକ୍ତିଆର କରିଛନ୍ତି ।

ରାଜ୍ୟରେ ଦାରିଦ୍ର୍ୟହାର ଉଲ୍ଲେଖନୀୟ ଭାବରେ ହ୍ରାସ ପାଇଛି । ନିତି ଆୟୋଗଙ୍କ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ଅନୁସାରେ ଓଡ଼ିଶାର ଜନସଂଖ୍ୟାର ୨୯.୩୫% ଲୋକ ଗରିବ ଅଛନ୍ତି । ସେହିପରି ଦାରିଦ୍ର୍ୟର ତୀବ୍ରତା କ୍ଷେତ୍ରରେ ଓଡ଼ିଶା ଜାତୀୟ ହାରଠାରୁ ଉନ୍ନତ ସ୍ଥିତିରେ ରହିଛି । ଜାତୀୟସ୍ତରରେ ଦାରିଦ୍ର୍ୟ ତୀବ୍ରତା ୪୭.୧୩ % ରହିଥିବାବେଳେ ଓଡ଼ିଶାରେ ଏହି ପରିମାଣ ୪୬.୪୨% ଆକଳନ କରାଯାଇଛି । ଅନୁରୂପ ଭାବରେ ରାଜ୍ୟରେ ପ୍ରାଥମିକସ୍ତରରେ ମୋଟ ନାମଲେଖା ଗତ ୫ ବର୍ଷ ମଧରେ ଶୀର୍ଷ ସ୍ଥାନରେ ପହଞ୍ଚିଛି । ପ୍ରାଥମିକସ୍ତରରେ ଏହା ୧୦୨% ଓ ଉଚ୍ଚ ମାଧମିକସ୍ତରରେ ଏହି ପରିମାଣ ୯୮% ବୋଲି ଆକଳନ ହୋଇଛି । ସେହିପରି ଉଚ୍ଚଶିକ୍ଷାରେ ନାମଲେଖା ହାର ମଧ ଯଥେଷ୍ଟ ବୃଦ୍ଧି ପାଇଛି ।

# ସୋହେଲାରେ ବାସନ୍ତୀକ ନବରାତ୍ର ଦୁର୍ଗାପୂଜା ଅବସରରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ





ବରଗଡ଼ : ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ତରଫରୁ ମା' ଦୁର୍ଗାଙ୍କ ମନ୍ଦିରରେ ଅନୁଷ୍ଠିତ ହେଉଥିବା ଚୈତ୍ର ବାସନ୍ତୀକ ନବରାତ୍ର ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଚେତନା ମଣ୍ଡପରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ କଟକର ନୃତ୍ୟମୟୁରୀ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଶିବ ତାଣ୍ଡବ, ଦୁର୍ଗାବନ୍ଦନା ଓ ଅଷ୍ଟଲକ୍ଷ୍ମୀ ନୃତ୍ୟ ପରିବେଷଣ କରିଥିଲେ । ପରେ ଭବାନୀପାଟଣା ପ୍ରତିଭା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସିଙ୍ଗାରୀ ଏବଂ କେସିଙ୍ଗା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କଳାକାରମାନେ ସମ୍ବଲପୁରୀ ବଜାସାଲ ନୃତ୍ୟ ପରିବେଷଣ କରିଥିଲେ ଓ ଚେତନା ଆଞ୍ଚଳିକ ସାଂସ୍କୃତିକ ଅନୁଷ୍ଠାନ ସୋହେଲାର କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ଢାପ ନୃତ୍ୟ ପରିବେଷଣ କରିଥିଲେ । ଏହା ପୂର୍ବରୁ ଗତ ୨ତାରିଖ ଦିନ ଦୁର୍ଗାପୂଜା କମିଟିପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ ହୋଇଥିଲା । ଏହି ଅବସରରେ ଚେତନା ମଣ୍ଡପଠାରେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଦୁର୍ଗାପୂଜା କମିଟି ସଭାପତି ପୂର୍ବତନମନ୍ତ୍ରୀ ପ୍ରକାଶଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ

ହିନ୍ଦୁ ନବବର୍ଷ ପାଳନ କାର୍ଯ୍ୟକ୍ରମରେ ମାଦୁର୍ଗାଙ୍କ ମନ୍ଦିରରେ ଦୀପ ପ୍ରଜ୍ୱଳନ କରାଯାଇ ସମସ୍ତଙ୍କୁ ରାଷ୍ଟ୍ରୀୟ ନବବର୍ଷର ଶୁଭେଚ୍ଛା ଜ୍ଞାପନ କରା ଯାଇଥିଲା । ଏହି ଅବସରରେ ଅଞ୍ଚଳର ଦୁଇଜଣ ବିଶିଷ୍ଟ ସାରସ୍ୱତ ସାଧକ ପଣ୍ଡିତ ପୂର୍ଣଚନ୍ଦ୍ର ସାହୁ ଓ ଅଧାପକ ମୋହନ ସାହୁଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । ପରେ କବି ମନୋରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବି ସମ୍ମିଳନୀରେ ରସରାଜ ଅଚ୍ୟୁତ ପୁରୋହିତ, ଦେବେନ୍ଦ୍ର ସାହୁ, ନିତୀଶଚନ୍ଦ୍ର ଆଚାର୍ଯ୍ୟ, ମନୋରଞ୍ଜନ ଲୁହା ଓ ରାଜେଶ କାରିଆ ନିଜନିଜ କବିତା ପାଠ କରିଥିଲେ । ତୁଷାରକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ପଞ୍ଚମ ସନ୍ଧ୍ୟାରେ ବରଗଡ଼ ଏସ୍.ପି. ରାହୁଲ ଜୈନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

ଷଷ୍ଠ ସନ୍ଧ୍ୟାର ମୁଖ୍ୟ ଅତିଥି ଭାବରେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂହ ଯୋଗଦେଇ ମାଁ ସମଲେଇଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଆୟୋଜିତ ସଭାରେ ପୂଜା କମିଟିର ବରିଷ୍ଠ ସଦସ୍ୟ ଟଙ୍କଧର ଝାଙ୍କର ଓ ଗୋବିନ୍ଦ ସାହୁ ଉପସ୍ଥିତ ଥିଲେ । ପାଇକମାଲ କଳା ନିକେତନର କଳାକାରମାନେ ନାଟକ 'ରାମରାଜ୍ୟ' ମଂଚସ୍ଥ କରିଥିଲେ । ଦୈତାରୀ ବିଶ୍ୱାଳଙ୍କ ରଚିତ ଏବଂ ନିର୍ଦ୍ଦେଶିତ ଏହି ନାଟକ ବିନା ସଂଳାପରେ ଇଂରେଜ ଶାସନରୁ ଆରମ୍ଭ କରି ବର୍ତ୍ତମାନର ସାମାଜିକ ବ୍ୟବସ୍ଥା ପର୍ଯ୍ୟନ୍ତ ସବୁ ଘଟଣାବଳୀକୁ ଅଭିନୟ ମାଧମରେ କଳାକାରମାନେ ଉପସ୍ଥାପନ କରିଥିଲେ । ଦ୍ୱିତୀୟ ନାଟକ 'ଠିକ ଦଶ ବଜେ' ପଦ୍ମପୁର ଅର୍ଦ୍ଧଗୁଣାର କଳାକାରମାନେ ମଞ୍ଚସ୍ଥ କରିଥିଲେ । ଅଶୋକ ବହିଦାରଙ୍କ ରଚିତ ଏବଂ ନିର୍ଦ୍ଦେଶିତ ଏହି ନାଟକରେ ମଣିଷର ସମୟାନୁବର୍ତ୍ତିତା, ଭାବନା ଓ ନିଜ କାର୍ଯ୍ୟକ୍ଷେତ୍ରରେ ସମର୍ପଣର ଘୋର ଅଭାବକୁ ବ୍ୟଙ୍ଗାତ୍ମକ ଭାବରେ ଉପସ୍ଥାପିତ କରାଯାଇଥିଲା ।

ସପ୍ତମ ସନ୍ଧ୍ୟାରେ ମାଁ ଗୌରୀଦେବୀ ଟ୍ରଷ୍ଟ ପକ୍ଷରୁ ଚିକିତ୍ସା କ୍ଷେତ୍ରରେ ବିଶିଷ୍ଟ ଚିକିତ୍ସକ ଡାକ୍ତର ଶିଶୀର କୁମାର ସାହୁ, ନାଟକ କ୍ଷେତ୍ରରେ ଅଧାପକ କେଶରଞ୍ଜନ ପ୍ରଧାନ ଓ ନାଟ୍ୟରଶ୍ମୀ ଅଶୋକ ବହିଦାରଙ୍କୁ ମାଁ ଗୌରୀକୃପା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଅଶୋକ କୁମାର ବହିଦାରଙ୍କ ୧୫ ଗୋଟି ନାଟ୍ୟ ସଂକଳନ ପାଞ୍ଚଟି ବହି ଆକାରରେ ଉନ୍ମୋଚିତ ହୋଇଥିଲା । ସାର୍ବଜନୀନ ଦୁର୍ଗାପୂଜା କମିଟି ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଡକ୍ଟର ପ୍ରମୋଦ ପାଢ଼ୀ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ ।

# ଭାଗବତ // କୁରୁକ୍ଷେତ୍ରରେ ବ୍ରହ୍ମଜ୍ଞାନ

‘ମୋତେ ଜନ୍ମ ଜନ୍ମ ଧରି ତାଙ୍କର ( ଶ୍ରୀକୃଷ୍ଣଙ୍କର ) ହିତୈଷିତା, ତାଙ୍କର ମିତ୍ରତା ଆଉ ତାଙ୍କର ସେବା ମିଳୁଥାଉ । ମୋର ସମ୍ପତ୍ତିର ଆବଶ୍ୟକତା ନାହିଁ, ସଦାସର୍ବଦା ତାଙ୍କରି ଗୁଣରାଶିର ଏକମାତ୍ର ନିବାସସ୍ଥାନ ମହାନୁଭାବ ଭଗବାନ୍ ଶ୍ରୀକୃଷ୍ଣଙ୍କ ଚରଣରେ ମୋର ଅନୁରାଗ ବର୍ଦ୍ଧନ ହେବାରେ ଲାଗିଥାଉ ଏବଂ ତାଙ୍କରି ପ୍ରେମୀ ଭକ୍ତଙ୍କ ସତ୍ସଙ୍ଗ ଲାଭ ହେଉଥାଉ ।

ସେ ତାଙ୍କ କପାଳରେ ଦୁଇ ହାତ ଦେଇ ନିଜର କୃତଜ୍ଞତାକୁ ବାରମ୍ବାର ଉଚ୍ଚାରଣ କରିବାରେ ଲାଗିଲେ ।

ସୁଦାମା ଚରିତ୍ରର ଏକ ବିଶେଷ ସନ୍ଦେଶ ଅଛି । ପରମାତ୍ମା ହେଉଛନ୍ତି ପ୍ରତ୍ୟେକ ଜୀବଙ୍କର ଏକମାତ୍ର ନିଃସ୍ୱାର୍ଥ ମିତ୍ର । ଭଗବାନଙ୍କୁ ଛାଡ଼ିଦେଲେ ଜଗତରେ ଏପରି କେହି ଜଣେ ନାହିଁ ଯିଏ ନିଜର ସର୍ବସ୍ୱ ଅନ୍ୟକୁ ଦାନ କରିଦେଇ ପାରେ । ଯଦି କାହାକୁ ସେବା ବା ସ୍ତୁତି କରିବାକୁ ମନ ହୁଏ, ତେବେ କେବଳ ଭଗବାନଙ୍କୁ ଆମେ କରିବା ଉଚିତ । ଜୀବ ଯେତେବେଳେ ଈଶ୍ୱରଙ୍କୁ ପ୍ରେମ କରେ ସେତେବେଳେ ଈଶ୍ୱର ଜୀବକୁ ଈଶ୍ୱର କରି ଦିଅନ୍ତି । ଜୀବଙ୍କର ପ୍ରକୃତ ମିତ୍ର ହେଉଛନ୍ତି ପରମପିତା ଈଶ୍ୱର ।

ସୁଦାମାଙ୍କର ଶ୍ରୀକୃଷ୍ଣ ପ୍ରେମଥିଲା ନିରପେକ୍ଷ । ତେଣୁ ସୁଦାମାଙ୍କୁ ଶ୍ରୀକୃଷ୍ଣ ଆପଣାର କରି ଦେଇଥିଲେ । ତାଙ୍କ ଭଳି ବୈଭବଶାଳୀ କରିଦେଲେ । ସୁଦାମାପୁରୀକୁ ଦ୍ୱାରିକା ଭଳି ସମୃଦ୍ଧ କରିଦେଲେ ।

ଭଗବାନ ତ ତାଙ୍କ ଚରଣ କମଳକୁ ସ୍ପର୍ଶ କରୁଥିବା ଲୋକକୁ ନିଜର ସ୍ୱରୂପ ଦେଇ ଦିଅନ୍ତି । ସେପରି ସ୍ଥଳରେ ତୁଚ୍ଛ ଧନ ଦାନ କରିଦେଲେ କିଛି ଆଶ୍ଚର୍ଯ୍ୟ ହେବାର ଅଛି କି ?

ଶାରୀରିକ ମିଳନ ହେଉଛି ତୁଚ୍ଛ, ମନର ମିଳନ ହେଉଛି ଦିବ୍ୟ । ଯଦି ଧନୀ ଲୋକ ଗରିବ ଲୋକଙ୍କୁ ହୃଦୟର ସହିତ ସମ୍ମାନ ଦିଅନ୍ତେ ଏବେ ଯେତେ ସବୁ ନଗର ଅଛି ସେ ସମସ୍ତ ଦ୍ୱାରିକା ଭଳି ସମୃଦ୍ଧ ହୋଇଯାଆନ୍ତି ।

ଏହାପର ଅଧ୍ୟାୟରେ ସୂର୍ଯ୍ୟ ପରାଗ କଥାର ବର୍ଣ୍ଣନା ଅଛି । ଗ୍ରହଣ ଓ ପରାଗ ସମୟରେ ତୀର୍ଥରେ କାଳଯାପନ କଲେ ଗ୍ରହଣ ଦୋଷ ଲାଗେ ନାହିଁ । ବସୁଦେବ, ଦେବକୀ ଓ ଅନ୍ୟ ଯାଦବଙ୍କ ସହିତ ଶ୍ରୀକୃଷ୍ଣ ଓ ବଳରାମ ଏହି ଗ୍ରହଣ କାଳ ଅତିବାହିତ କରିବା ପାଇଁ କୁରୁକ୍ଷେତ୍ରରେ ପହଞ୍ଚିଗଲେ । କୁରୁକ୍ଷେତ୍ର ଏକ ଶ୍ରେଷ୍ଠ ତୀର୍ଥସ୍ଥାନ । ଏଠାରେ ପର୍ଶୁରାମ ସରୋବରରେ ସ୍ନାନ କଲେ ଅର୍ଜିତ ପାପ ଧୌତ ହୋଇଯାଏ ।

ସକାମ ଭାବରେ କରାଯାଇଥିବା କର୍ମଦ୍ୱାରା ସ୍ୱର୍ଗ ମିଳେ, ହେଲେ ମୁକ୍ତି ମିଳେ ନାହିଁ । ନିଷ୍କାମ କର୍ମ ପାପକୁ ହଟାଇ ଦିଏ । ମଣିଷର ଶରୀର ହେଉଛି ସେହି କୁରୁକ୍ଷେତ୍ର ଯେଉଁଠାରେ ପ୍ରବୃତ୍ତି ଓ ନିବୃତ୍ତିର ଯୁଦ୍ଧ ହେଉଥାଏ । ଏହି ଶରୀର ରୂପୀ ରଥକୁ ଯିଏ ଶ୍ରୀକୃଷ୍ଣଙ୍କ ହାତକୁ ବଢ଼ାଇ ଦେଇଥାଏ, ସେ ହିଁ ବିଜୟୀ ହୋଇଥାଏ ।

କୃଷ୍ଣ-କଥା ଆମର ଦୋଷ-ଦୁର୍ଗୁଣକୁ ଉତ୍ତମ ରୂପେ ଆମକୁ ଅବଗତ କରାଇ ଦିଏ । କୃଷ୍ଣ-କଥା ଶ୍ରବଣରେ ଆମକୁ ଭଜନ ନିମନ୍ତେ ପ୍ରେରଣା ମିଳେ ଏବଂ ଏପରି ହେବା ଦ୍ୱାରା ଆମର ଇନ୍ଦ୍ରିୟ ଶୁଦ୍ଧ ହୋଇଯାଏ । ଗଙ୍ଗା ସ୍ନାନ ଶରୀରକୁ ଶୁଦ୍ଧ କରେ । କିନ୍ତୁ କୃଷ୍ଣ-କଥାମୃତ ସ୍ନାନ ଦ୍ୱାରା ଇନ୍ଦ୍ରିୟ ଓ ମନ ଶୁଦ୍ଧ ହୁଏ । ଏଣୁ ଗଙ୍ଗା ସ୍ନାନ ଅପେକ୍ଷା କୃଷ୍ଣ-କଥା ସ୍ନାନ ଶ୍ରେଷ୍ଠ ।

ବାସନା ହେଉଛି ପୁନର୍ଜନ୍ମର କାରଣ । ଏଣୁ ମୃତ୍ୟୁ ପୂର୍ବରୁ ବାସନାକୁ ତ୍ୟାଗ କରିଦେବା ଉଚିତ । ବୈର ଓ ସୁଖର ଏଷଣା ବାସନାକୁ ଜନ୍ମ ଦେଇଥାଏ । ଏହାକୁ ତ୍ୟାଗ କରିବା ଉଚିତ ।

କୁରୁକ୍ଷେତ୍ରକୁ ଆସିଥିବା ମାତା-ପିତାଙ୍କୁ ଦିନେ ଶ୍ରୀକୃଷ୍ଣ ପଚାରିଲେ, ଆପଣଙ୍କ ମନରେ ଯଦି କିଛି ଇଚ୍ଛା ଥାଏ ତେବେ କୁହନ୍ତୁ । ମୁଁ ତାହା ପୂରଣ କରିଦେବି । ବସୁଦେବ କହିଲେ, ନାଇଁ, ଏମିତି କିଛି ବାସନା ତ ନାହିଁ । ତେବେ ମୃତ୍ୟୁ ସମୟରେ ମୁଁ ତୋତେ ଦେଖୁଥିବି ଓ ତୋ ନାମ ଭଜନ କରୁଥିବି ଏପରି ଇଚ୍ଛା ଅଛି ।

ଶରୀରରୁ ପ୍ରାଣ ଛାଡ଼ି ଚାଲିଯିବା ବେଳେ ଖୁବ୍ ବେଦନା ହୁଏ । ତେଣୁ ମନକୁ ଏପରି ଶିକ୍ଷା ଦେବା ଉଚିତ ଯେ ସେହି ବେଦନା ହେଉଥିଲେ ବି ଶ୍ରୀକୃଷ୍ଣଙ୍କୁ ମନେପକାଇ ପାରୁଥିବା । ମୃତ୍ୟୁ ସମୟରେ ଭଗବାନଙ୍କୁ ମନେପକାଇ ପାରୁଥିବା ବ୍ୟକ୍ତି ଧନ୍ୟ ହୋଇଥାଏ । ସେପରି ବ୍ୟକ୍ତିର ଜୀବନ ସାର୍ଥକ ହୋଇଥାଏ । ମୃତ୍ୟୁ ବିଷୟରେ ଚିନ୍ତା କଲେ ପାପ କର୍ମରୁ ମନ ଦୂରେଇଯାଏ ।

ଏହି ସଂକ୍ରାନ୍ତରେ ଏକନାଥ ମହାରାଜଙ୍କର ପ୍ରଦତ୍ତ ଏକ ଲଘୁକଥା ମନେପଡେ । ଦିନେ ଜଣେ ଲୋକ ଏକନାଥ ମହାରାଜଙ୍କୁ କହିଲା, ମହାରାଜ । ଆପଣ ସବୁବେଳେ ଈଶ୍ୱରଙ୍କୁ ଧ୍ୟାନ କରିପାରୁଛନ୍ତି ଏବଂ ଆନନ୍ଦମଗ୍ନ ରହିପାରୁଛନ୍ତି । ମୋ ମନ କାହିଁକି ଈଶ୍ୱରଙ୍କ ପାଖରେ ଆଦୌ ଲାଗୁ ନାହିଁ । ଏପରି କାହିଁକି ହେଉଛି ।

ଏକନାଥ ମହାରାଜ ମନେମନେ ଭାବିଲେ, ‘ମନ ଯଦି ସଂସାର କଥା ନ ଭାବେ ତେବେ ଈଶ୍ୱରଙ୍କ କଥା ଭାବିପାରିବ । ଲୋକଟି ତ ସବୁବେଳେ ସଂସାର କଥା ଭାବୁଛି, ଈଶ୍ୱରଙ୍କ ଭାବନା ଆସନ୍ତା କିପରି ? ସେ ସେହି ଲୋକକୁ କହିଲେ, ଆଜି ତୁମ ପ୍ରଶ୍ନର ଉତ୍ତର ଦେଇପାରୁ ନାହିଁ । ଆଜିଠାରୁ ସାତଦିନ ପରେ ତୁମର



ମୃତ୍ୟୁ ହେବ । ସେହିଦିନ ତୁମେ ମୋ ପାଖକୁ ଆସିଲେ ମୁଁ ତୁମକୁ ସବୁ କଥା ବୁଝାଇ କହିବି ।

ଆଉ ସାତ ଦିନ ଗଲେ ସେ ମରିବ । ତାର ଆୟୁ ଆଉ ମାତ୍ର ସାତ ଦିନ । ସେ ଘାବରେଇ ଗଲା । ଡରିଗଲା ସେ ପୁଅମାନଙ୍କୁ ଡାକି ତାର ଧନସମ୍ପତ୍ତି ଆଉ ବ୍ୟବସାୟ ପତ୍ର ବାଣ୍ଟିଦେଲା । ଆଉ ନିଜେ ପ୍ରଭୁ ଭଜନରେ ଲାଗିଗଲା । ସେହି ଦିନଠାରୁ ସେ ମୃତ୍ୟୁ ନିମନ୍ତେ ପ୍ରସ୍ତୁତ ହେବାରେ ଲାଗିଲା ।

ଠିକ୍ ସପ୍ତମ ଦିନ ସେ ଏକନାଥ ମହାରାଜଙ୍କ ପାଖକୁ ଆସିଲା । ମହାରାଜ ତାକୁ ପଚାରିଲେ, କ’ଣ ହୋ । କେମିତି ଅଛ । ଏହି ସାତ ଦିନ କିମିତି କାଟିଛ ? ଲୋକଟି କହିଲା, ଆଜ୍ଞା ମୃତ୍ୟୁକୁ ମୁଣ୍ଡ ଉପରେ ଦେଖି ଭୋଗବିଳାସ ତ୍ୟାଗକରି କେବଳ ପ୍ରଭୁ ଭଜନରେ ଅତିବାହିତ କରିଛି ।

ମହାରାଜ କହିଲେ, ଏବେ ତ ମୁଁ କିପରି ଈଶ୍ୱର ମଗ୍ନ ସବୁବେଳେ ହୋଇପାରୁଛି ଜାଣି ପାରୁଥିବ । ମୁଁ ସବୁ ସମୟରେ ମୃତ୍ୟୁକୁ ମୋ ସମ୍ମୁଖରେ ଦେଖୁଛି । ତେଣୁ ମନ ଈଶ୍ୱର-ଭଜନରେ ସ୍ୱତଃ ମଗ୍ନହୋଇ ରହୁଛି ।’’

ଭଗବାନ ଶ୍ରୀକୃଷ୍ଣ ପିତା ବସୁଦେବଙ୍କୁ ବ୍ରହ୍ମଜ୍ଞାନର ଉପଦେଶ ଦେଇଛନ୍ତି । ଏହାପରେ ସେ ମାତା ଦେବକୀଙ୍କୁ ତାଙ୍କର ଇଚ୍ଛା ପୂରଣ ନିମନ୍ତେ ପ୍ରଶ୍ନ କରିଛନ୍ତି । ମାତା ଦେବକୀ ସେତେବେଳେ କହିଥିଲେ, ‘କଂସ ମୋର ଛ ପୁଅଙ୍କୁ ଜନ୍ମ ହେବାମାତ୍ରେ ବଧ କରିଛି । ଏ କଥା କହିବାକୁ ମୋତେ ସଙ୍କୋଚ ଲାଗୁଛି । ତେବେ ମୋର ଇଚ୍ଛା ହେଉଛି ସେହି ଛ ପୁଅଙ୍କୁ ଥରେ ଦେଖିବା ପାଇଁ ।

ଥରେ ଶ୍ରୀକୃଷ୍ଣଚନ୍ଦ୍ର ମାତା ଯଶୋଦାଙ୍କୁ ବି ତାଙ୍କର ଅନ୍ତିମ ସବିଶେଷ ଇଚ୍ଛା କଥା ପଚାରିଥିଲେ । ସେତେବେଳେ ଯଶୋଦା ତାଙ୍କୁ କହିଥିଲେ, ବାପା । ମୋର ଇଚ୍ଛା କିଛି ନାହିଁ, କେବଳ ଗୋଟିଏ କଥା, ମୁଁ ତୋତେ ଯେପରି ପ୍ରତ୍ୟେକ କ୍ଷଣରେ ଦର୍ଶନ କରୁଥିବି । ତୁ ମୋ ଦୃଷ୍ଟି ସମ୍ମୁଖରୁ କ୍ଷଣକ ପାଇଁ ଯେପରି ଦୂର ନ ହେଉ, ଆଉ କିଛି ମୋର ଲୋଡ଼ା ନାହିଁ ।’’ କହିଲେ ଦେଖି, ଦୁଇ ମାତା-ଦେବକୀ ଓ ଯଶୋଦା । ଯଶୋଦା ମାତାଙ୍କ ଇଚ୍ଛା ଶୁଣିଲେ, ଦେବକୀ ମାତାଙ୍କ ଇଚ୍ଛା ଶୁଣିଲେ । କାହା ଇଚ୍ଛା ଭକ୍ତିମୟ କାହା ଇଚ୍ଛା ଶ୍ରେଷ୍ଠ ?

ଶାସ୍ତ୍ର କହେ ଇଚ୍ଛା ଭକ୍ତିର ବିଘ୍ନକର୍ତ୍ତା । ଏହା ସତ୍ୟ । ଇଚ୍ଛା ହିଁ ହୋଇଥାଏ ପୁନର୍ଜନ୍ମର କାରଣ । ଇଚ୍ଛା ହେଉଛି ବାସନା । ଇଚ୍ଛା ହେଉଛି ଏଷଣା । ଏଷଣା ହୋଇଥାଏ ଜୀବର ପୁନର୍ଜନ୍ମର କାରଣ ।

କୃଷ୍ଣ ଉଭୟ ମାତାଙ୍କ ଇଚ୍ଛା ପୂରଣ କରିଥିଲେ । ଦେବକୀଙ୍କ ଇଚ୍ଛା ପୂରଣ କରିବା ପାଇଁ ସେ ପାତାଳକୁ ଯାଇଥିଲେ । ନିଜର ମୃତ ଭାଇମାନଙ୍କୁ ଆଣି ଦେବକୀଙ୍କୁ ଦର୍ଶନ କରାଇଥିଲେ । ଏହାପରେ ଦେବକୀ କହିଲେ, ମୋର ଆଉ କିଛି ଇଚ୍ଛା ନାହିଁ । ମୋର ମୃତ୍ୟୁ ଯେଉଁଭଳି ସୁଧୁରିବ ତାହା କର ।

କେବଳ ଜ୍ଞାନୀ ମହାତ୍ମା କାହିଁକି, ଈଶ୍ୱରଙ୍କର ମାତା ପିତାଙ୍କର ବି ଆଶଙ୍କା ଥାଏ, କାଳେ ସେମାନଙ୍କର ମୃତ୍ୟୁ ବିଗିଡ଼ି ଯିବ । କେବଳ ସେହିମାନଙ୍କର ମୃତ୍ୟୁ ଜାଜ୍ୱଲ୍ୟମାନ ହୋଇଥାଏ ଯେଉଁମାନେ ପ୍ରତ୍ୟେକ କ୍ଷଣ ଏହାକୁ ସୁଧାରିବାକୁ ପ୍ରଯତ୍ନ କରିଥାଆନ୍ତି ।

ପ୍ରଭୁ ବସୁଦେବ-ଦେବକୀଙ୍କୁ ଦିବ୍ୟ ତତ୍ତ୍ୱଜ୍ଞାନ ବୁଝାଇଥିଲେ । ଭଗବାନଙ୍କଠାରୁ ତତ୍ତ୍ୱଜ୍ଞାନ ଶ୍ରବଣ କରିବା ପରେ ବସୁଦେବଙ୍କର ନାନାତ୍ୱଭାବ ଦୂର ହୋଇଗଲା । ସେ ପ୍ରତ୍ୟେକରେ ସେହି ଏକଙ୍କୁ ଦର୍ଶନ କରିବାରେ ଲାଗିଲେ । ସେ ଆନନ୍ଦମଗ୍ନ ହୋଇଗଲେ, ମୌନ ହୋଇଗଲେ, ସଂକଳ୍ପ ରହିତ ହୋଇଗଲେ ।

ଧର୍ମର ମର୍ଯ୍ୟାଦା ପାଳନ କରିବାକୁ ଯେ ଭୟ କରୁ ନଥାଏ ତାକୁ ବୀର କୁହାଯାଏ । ଅର୍ଜୁନ ଏକଦା ଏକ ଅପ୍ରାସଙ୍ଗିକ ଅବସ୍ଥାଚକ୍ରରେ ପଡ଼ି ଧର୍ମାଚରଣରେ ତ୍ରୁଟି କରିଥିବା ଅନୁଭବ କରିଥିଲେ । କିନ୍ତୁ ଜ୍ୟେଷ୍ଠ ଭ୍ରାତା ଯୁଧିଷ୍ଠିରଙ୍କ ବାରାଣାସୀରେ ବାରବର୍ଷ ପର୍ଯ୍ୟନ୍ତ ଏକାକୀ ତୀର୍ଥକ୍ଷେତ୍ରମାନଙ୍କରେ ଭ୍ରମଣ କରି ଧର୍ମର ମର୍ଯ୍ୟାଦା ପାଳନ କରିଥିଲେ । ଏହି ସମୟ ମଧ୍ୟରେ ସେ ହରିଦ୍ୱାରରେ ନାଗକନ୍ୟା ଉଲୁ ପୀ, ମଣିପୁରର ରାଜକନ୍ୟା ଚିତ୍ରାଙ୍ଗଦା ଓ ଦ୍ୱାରିକାରେ ଶ୍ରୀକୃଷ୍ଣ-ବଳରାମଙ୍କ ସାନ ଭଉଣୀ ସୁଭଦ୍ରାଙ୍କୁ ବିବାହ କରିଥିଲେ । ଏ ତିନି ବିବାହ ମଧ୍ୟରୁ ସୁଭଦ୍ରାଙ୍କ ବିବାହ ଥିଲା ଅତି ତାତ୍ପର୍ଯ୍ୟ ପୂର୍ଣ୍ଣ ।

ଯିଏ ଭଗବାନଙ୍କଠାରେ ନିଜକୁ ପୂର୍ବତୟା ସମର୍ପଣ କରିଦେଇ ଶରଣ ଘେନିଥାଏ, ଭଗବାନ ତାର ସମସ୍ତ ଇଚ୍ଛା ପୂରଣ କରିଥାନ୍ତି । ସେତେବେଳେ ଚରଣାଶ୍ରିତ କାମସୁଖ ଚାହିଁଲେ ତାକୁ କାମସୁଖ ଦେଇଥାନ୍ତି, ଅର୍ଥ ଚାହିଁଲେ ଅର୍ଥ ଦେଇଥାନ୍ତି, ଯେ ନିର୍ମଳ ଧର୍ମ ଚାହେଁ ତାକୁ ନିର୍ମଳ ଧର୍ମ ଦେଇଥାଆନ୍ତି । ଯିଏ ମୋକ୍ଷ ଚାହେଁ ତାକୁ ମୋକ୍ଷ ବି ଦେଇଥାନ୍ତି । ବସ୍ତୁତଃ, ଭଗବାନଙ୍କୁ ଯିଏ ନିଜର ସର୍ବସ୍ୱ ଦେଇଦେଇ ଥାଏ ସେପରି ଲୋକକୁ ଭଗବାନ ତାଙ୍କ ନିଜର ସର୍ବସ୍ୱ ଦେଇଦେବା ପାଇଁ ସାମାନ୍ୟ ମାତ୍ର କୁଣ୍ଠିତ ହୋଇ ନଥାନ୍ତି ।

ସଦାଚାରୀ ଅର୍ଜୁନ ସନ୍ୟାସ ଗ୍ରହଣ କରିଥିଲେ । ସୁଭଦ୍ରାଙ୍କୁ ପାଇବା ପାଇଁ ଶ୍ରୀକୃଷ୍ଣ ତାଙ୍କୁ ପୂର୍ଣ୍ଣ ସହାୟତା ପ୍ରଦାନ କରିଥିଲେ ।

ଭଦ୍ର ଅର୍ଥାତ୍ କଲ୍ୟାଣ କରୁଥିବା ବ୍ରହ୍ମବିଦ୍ୟା ହେଉଛି ସୁଭଦ୍ରା । ଅଦ୍ୱୈତଦର୍ଶୀ ବ୍ରହ୍ମବିଦ୍ୟା ହିଁ ହେଉଛି ସୁଭଦ୍ରା । ଯାହାଙ୍କ ଗୃହରେ ସୁଭଦ୍ରା ଥାଏ ତାହାର ଜୀବନ କଲ୍ୟାଣମୟ ହୋଇଥାଏ, ସେ ସୁଖୀ ହୁଏ ।

ଅର୍ଜୁନଙ୍କ ଭଳି ସନ୍ୟାସ ଗ୍ରହଣ କରି ତପ ଯେ କରିଥାଏ ସେ ହିଁ ସୁଭଦ୍ରାଙ୍କୁ ପାଇପାରେ । ଅର୍ଜୁନ ତ୍ରିଦଣ୍ଡୀ ସନ୍ୟାସୀ ହୋଇ ଚାରିମାସ କାଳ କଠିନ ତପଶ୍ଚର୍ଯ୍ୟା କରିଥିଲେ । ସେ ପ୍ରତିଦିନ ଅଠରଘଣ୍ଟା ଧରି ଓଁକାର ମନ୍ତ୍ର ଜପ କରିଥିଲେ । ତେଣୁ ପ୍ରଭୁ ତାଙ୍କୁ ବ୍ରହ୍ମ-ବିଦ୍ୟା ଅର୍ଥାତ୍ ସୁଭଦ୍ରା ଦେଇଥିଲେ ।

ସୁଭଦ୍ରା ହେଉଛନ୍ତି ବସୁଦେବଙ୍କ ବଡ଼ରାଣୀ ରୋହିଣୀଙ୍କ ଝିଅ, ବଳରାମଙ୍କର ଅଲିଅଳ ସାନ ଭଉଣୀ । ତେଣୁ ଶ୍ରୀକୃଷ୍ଣଙ୍କର ବି ଅଲିଅଳ ସାନ ଭଉଣୀ । ବଳରାମଙ୍କର ଇଚ୍ଛା ଥିଲା ଦୁର୍ଯ୍ୟୋଧନଙ୍କ ସହିତ ସୁଭଦ୍ରାଙ୍କର ବିବାହ କରାଇବା ପାଇଁ । ଦୁର୍ଯ୍ୟୋଧନ ଚଞ୍ଚଳମନା ଆଉ ମହାଭିମାନୀ । ସେ ପୁଣି କ୍ରୋଧୀ । ଶ୍ରୀକୃଷ୍ଣଙ୍କୁ ଏହି ପ୍ରସ୍ତାବ ପସନ୍ଦ ହୋଇ ନଥିଲା ।

ଯାହାର ଆଖି ଚଞ୍ଚଳ ତାର ମନ ଚଞ୍ଚଳ ହୋଇଥାଏ । ଯିଏ ସୁସ୍ୱାଦୁ ଭୋଜନ କରେ ସେ ଉତ୍ତମ ଭଜନ କରିପାରେ ନାହିଁ । ବ୍ରହ୍ମବିଦ୍ୟା ପ୍ରାପ୍ତି ନିମନ୍ତେ ତ୍ରିଦଣ୍ଡୀ ସନ୍ୟାସୀ ହେବା ଆବଶ୍ୟକ ହୋଇଥାଏ । ଭଗବାନ ଅର୍ଜୁନଙ୍କୁ ତ୍ରିଦଣ୍ଡୀ ସନ୍ୟାସୀ କରାଇଥିଲେ ।

ଭାଗବତରେ ଏହି ପ୍ରସଙ୍ଗ ଅତି ସୁନ୍ଦର ଆମୋଦପୂର୍ଣ୍ଣ ଢ଼ଙ୍ଗରେ ବର୍ଣ୍ଣନା କରାହୋଇଛି । ରଥ ଥିଲା ଶ୍ରୀକୃଷ୍ଣଙ୍କର । ଦାରୁକ ଥିଲା ସାରଥୀ । ସୁଭଦ୍ରାଙ୍କୁ ଏହି ରଥରେ ବସାଇ ଅର୍ଜୁନ ତାଙ୍କୁ ହରଣ କରିନେଇଥିଲେ । ଅର୍ଜୁନ ସୁଭଦ୍ରାଙ୍କୁ ହରଣ କରିଥିଲେ ନା ସୁଭଦ୍ରା ଅର୍ଜୁନଙ୍କୁ ହରଣ କରିଥିଲେ ଏହା ବୁଝିବା କୌତୂହଳପ୍ରଦ ଥିଲା । କିନ୍ତୁ ପ୍ରକୃତରେ ସନ୍ୟାସ ଗ୍ରହଣ କରିଥିବା ଅର୍ଜୁନଙ୍କୁ ହିଁ ବାସ୍ତବ ବ୍ରହ୍ମବିଦ୍ୟା ରୂପୀ ସୁଭଦ୍ରା ମିଳିଥିଲେ ।

# ସମ୍ବାଦପତ୍ର ମୁଦ୍ରଣ କାଗଜ ସଂକଟ

## ଡକ୍ଟର ପ୍ରଦୀପ ମହାପାତ୍ର

ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଭାରତୀୟ ସମ୍ବାଦପତ୍ର ଶିଳ୍ପ ସଂକଟର ପରିଧିରୁ ମୁକ୍ତିପାଇ ପାରୁ ନାହିଁ । ମହାମାରୀ ପୂର୍ବରୁ ବିଜ୍ଞାପନ ଆୟ, ଗୁଣବତ୍ତା ଓ ବିଶ୍ୱନୀୟତା ହ୍ରାସ ଭଳି ସମସ୍ୟାରେ ଛନ୍ଦି ହୋଇ ପଡ଼ିଥିବା ସ୍ଥଳେ ମହାମାରୀରେ ଦୀର୍ଘକାଳ ବ୍ୟାପୀ ସାଧାରଣ ଜୀବନ ବନ୍ଦ ପରିବେଶ ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ କରାଇଥିଲା । ଭୂତାଣୁ ସଂକ୍ରମଣ ଦ୍ୱିତୀୟ ତରଙ୍ଗ ଉତ୍ତାରେ ୨୦୨୧ ଦ୍ୱିତୀୟାର୍ଦ୍ଧରେ ଜନଜୀବନ କ୍ରମଶଃ ସ୍ୱାଭାବିକ ଅବସ୍ଥାକୁ ଫେରିବା ଅବସରରେ ମୁଦ୍ରିତ ସମ୍ବାଦପତ୍ର ପ୍ରସାର ଓ ବିଜ୍ଞାପନ ଆୟ ସଜାଡ଼ିବାରେ ଲାଗି ପଡିଥିଲା । ଏହି ସମୟସୀମାରେ ରୁଷ-ୟୁକ୍ରେନ ଯୁଦ୍ଧ ହେତୁ ସମ୍ବାଦପତ୍ର ମୁଦ୍ରଣ କାଗଜ ଆମଦାନୀଜନିତ ସମସ୍ୟା ଓ ମୂଲ୍ୟ ବୃଦ୍ଧି ପୁଣି ସଂକଟ ମଧକୁ ଟାଣି ଆଣିଥିଲା । ସମ୍ବାଦପତ୍ର ପ୍ରସ୍ତୁତିରେ ମୁଦ୍ରଣ କାଗଜ ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ । ଭାରତରେ ବ୍ୟବହୃତ ମୁଦ୍ରଣ କାଗଜର ଅର୍ଦ୍ଧେକ ବିଦେଶରୁ ଆମଦାନୀ ହୋଇଥାଏ । ମୋଟାମୋଟି ଭାବେ ଋଷରୁ ୪୦ ପ୍ରତିଶତ, କାନାଡ଼ାରୁ ୪୫ ପ୍ରତିଶତ ଓ ଫିନଲ୍ୟାଣ୍ଡରୁ ୧୫ ପ୍ରତିଶତ ଆମଦାନୀ ହିସାବ କରାଯାଏ । ଋଷ-ୟୁକ୍ରେନ ଯୁଦ୍ଧ ୨୦୨୨ ଫେବୃୟାରୀ ଶେଷ ସପ୍ତାହରୁ ଆରମ୍ଭ ହେବା ଏବଂ ପାଶ୍ଚାତ୍ୟ ଭୂଖଣ୍ଡର 'ନାଟୋ' ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡ଼ିକ ଋଷ ଉପରେ ଅର୍ଥନୀତିକ ବାସନ୍ଦ ଲାଗୁ କରିବାପରେ ଋଷରୁ ଭାରତକୁ ମୁଦ୍ରଣ କାଗଜ ଆମଦାନୀ ବାଧାପ୍ରାପ୍ତ ହୋଇ ମାର୍ଚ୍ଚ ୨୦୨୨ ସୁଦ୍ଧା ସମ୍ବାଦପତ୍ର ଶିଳ୍ପକୁ ପ୍ରଭାବିତ କରିଥିଲା ।

ବାସନ୍ଦ ବ୍ୟବସ୍ଥା କାର୍ଯ୍ୟକାରୀ ହେବାପରେ ଆନ୍ତର୍ଜାତିକ ଜାହଜ ଚଳାଚଳ କମ୍ପାନୀଗୁଡ଼ିକ ଋଷ ବନ୍ଦରରୁ ମାଲ ପରିବହନ ନିମନ୍ତେ ରାଜି ହେଲେ ନାହିଁ । ଫଳରେ ଋଷର ସେଣ୍ଟ ପିଟସବର୍ଗ ବନ୍ଦରରେ ମାଲ ପଡ଼ିରହିଲା । ଅପରପକ୍ଷେ କାନାଡ଼ାରେ ସରକାରୀ କୋଭିଡ଼ କଟକଣାକୁ କେନ୍ଦ୍ରକରି ଟ୍ରକ ଚାଳକମାନେ ୨୦୨୨ ଫେବୃୟାରୀରେ ଧର୍ମଘଟ କଲେ । ଫଳରେ ସ୍ଥାନୀୟ କଳକାରଖାନା କାରବାରରେ ବିଘ୍ନ ସୃଷ୍ଟି ହୋଇଥିଲା । ସ୍ୱାଭାବିକଭାବେ କାନାଡ଼ାରୁ ଭାରତକୁ ଆମଦାନୀ ଉପରେ ପ୍ରଭାବ ପଡ଼ିଲା । ସେହିପରି ଫିନଲ୍ୟାଣ୍ଡରୁ ଭାରତ ମୁଖ୍ୟତଃ ଗ୍ଲେଜଡ଼ ନିଉଜପ୍ରିଣ୍ଟ ଆମଦାନୀ କରେ । ସେଠାକାର ପ୍ରମୁଖ କାଗଜକଳର ଶ୍ରମିକମାନେ ଦୀର୍ଘ ଦିନ ଧରି ଧର୍ମଘଟ କରିବାରୁ କାଗଜ ଉତ୍ପାଦନ ବାଧାପ୍ରାପ୍ତ ହୋଇଥିଲା ।

ଅନ୍ୟାନ୍ୟ ସମସ୍ୟା ମଧ୍ୟରେ ଋଷ-ୟୁକ୍ରେନ ଯୁଦ୍ଧ ହେତୁ ଶକ୍ତି ଓ ପ୍ରାକୃତିକ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ହେବା ଫଳରେ ବିଶ୍ୱବ୍ୟାପୀ ଦର ବୃଦ୍ଧି ଘଟିଲା । କାଗଜ କଳରେ ପ୍ରାୟ ୩୦ ପ୍ରତିଶତ ଖର୍ଚ୍ଚ ଇନ୍ଧନରେ ଯାଏ । ଏହି କାରଣରୁ ବିଶ୍ୱ ବଜାରରେ କାଗଜ ଦର ବୃଦ୍ଧି ପାଇଲା । କୋଭିଡ଼ କାଳରେ କଳକାରଖାନା, ପରିବହନ ବନ୍ଦ, କର୍ମଚାରୀ ଅଭାବ ଇତ୍ୟାଦି କାରଣରୁ କାଗଜ ଦୁର୍ମୂଲ୍ୟ ହୋଇପଡ଼ିଥିଲା । ସେହି କ୍ଷତରେ ନୂତନ ପ୍ରତିବନ୍ଧକ ମଲମ ବୋଲିବା ସଦୃଶ୍ୟ ପ୍ରତୀୟମାନ ହେଲା ।

ଆନ୍ତର୍ଜାତିକସ୍ତରରେ କାଗଜ ଉତ୍ପାଦନ ମହାମାରୀ ଅବସ୍ଥାରେ ପ୍ରଭାବିତ ହୋଇଥିଲା । ଏକ ହିସାବ ଅନୁଯାୟୀ ବିଶ୍ୱ କାଗଜ ଉତ୍ପାଦନ ମହାମାରୀ-ପୂର୍ବାବସ୍ଥା ୨୦୧୭ରେ ୨ କୋଟି ୩୫ ଲକ୍ଷ ଟନ ଥିବା ସ୍ଥଳେ ୨୦୨୨ରେ ଏକ କୋଟି ୩୬ ଲକ୍ଷକୁ କମି ଆସିଥିଲା । ଉତ୍ପାଦନ ହ୍ରାସ ଦରବୃଦ୍ଧିର ଅନ୍ୟତମ କାରଣ । ଏଥି ସହ ବିଦେଶରୁ ଆମଦାନୀ ନିମନ୍ତେ ପରିବହନ ଖର୍ଚ୍ଚମଧ ଏହି ସମୟସୀମାରେ ପ୍ରାୟ ଦୁଇ ଗୁଣ ବଢ଼ି ଯାଇଥିଲା । ଉଦାହରଣରେ ଏକ ଚାଳିଶି ବର୍ଗ ଫୁଟ କଣ୍ଟେନରରେ ଜଳପଥରେ ପରିବହନ ଲାଗି ୧୬୦୦ ରୁ ୧୮୦୦ ଡ଼ଲାର ଖର୍ଚ୍ଚ ହେଉଥିବା ସ୍ଥଳେ ତାହା ୩୬୦୦ ଡ଼ଲାରକୁ ବୃଦ୍ଧି ପାଇଥିଲା ।

ବିଶେଷଜ୍ଞଙ୍କ ହିସାବ ଅନୁଯାୟୀ ଆନ୍ତର୍ଜାତିକ ବଜାରରେ ଜାନୁୟାରୀ ୨୦୨୦ରେ ସମ୍ବାଦପତ୍ର ମୁଦ୍ରଣ କାଗଜ ଟନ ପିଛା ୩୦୦ ଆମେରେକୀୟ ଡ଼ଲାର ଥିବା ସ୍ଥଳେ ମାର୍ଚ୍ଚ ୨୦୨୨ରେ ୯୫୦ରୁ ୧,୦୦୦ ଡ଼ଲାର ଛୁଇଁଥିଲା । କୁହାଯାଉଛି ଯେ ଭାରତୀୟ ସମ୍ବାଦପତ୍ର ଶିଳ୍ପ ବିଗତ ଚାରି ଦଶକରେ ମୁଦ୍ରଣ କାଗଜ ସଂପର୍କୀତ ନେଇ ଏହି ଧରଣର ସଂକଟରେ କେବେ ପଡ଼ିନଥିଲା । ଶେଷଥର ୧୯୭୪ରେ ମୁଦ୍ରଣ କାଗଜ ଆମଦାନୀକୁ ନେଇ ସମସ୍ୟା ଉପୁଜିଥିଲା । ଭାରତରେ ଅଢ଼େଇ ଶହରୁ ଅଧିକ ବ୍ୟାବସାୟିକ ପ୍ରତିଷ୍ଠାନ ପ୍ରାୟ କୋଡ଼ିଏ ହଜାର ସିପମେଣ୍ଟରେ ବିଦେଶରୁ ସମ୍ବାଦପତ୍ର ମୁଦ୍ରଣ କାଗଜ ଆମଦାନୀ କରିଥାନ୍ତି । ଆନ୍ତର୍ଜାତିକ ସ୍ତରରେ କାନାଡ଼ାରେ ସର୍ବାପେକ୍ଷା ଅଧିକ କାଗଜ ଉତ୍ପାଦନ ହୋଇଥାଏ । ଏହାପରକୁ କ୍ରମାନ୍ୱୟରେ ଜାପାନ, ଜର୍ମାନୀ, ଦକ୍ଷିଣ କୋରିଆ ଓ ଯୁକ୍ତରାଷ୍ଟ୍ର ଆମେରିକାର ସ୍ଥାନ । ଭାରତରେ ୧୨୫ ଗୋଟି କାଗଜକଳ ରେଜିଷ୍ଟ୍ରୀଭୁକ୍ତ ହୋଇଥିବା ସ୍ଥଳେ ସେଥି ମଧ୍ୟରୁ ୪୬ ଗୋଟି ବନ୍ଦ ହୋଇଯାଇଥିବା ଜଣାଯାଏ । ସେହିପରି ୬୨ ଗୋଟି କାଗଜକଳ ସମ୍ବାଦପତ୍ର ମୁଦ୍ରଣ କାଗଜ ଉତ୍ପାଦନ କରୁଥିବା ସ୍ଥଳେ ୩୬ ଗୋଟି ସକ୍ରିୟ ଏବଂ ୨୩ ଗୋଟି ବନ୍ଦ ଅବସ୍ଥାରେ ୨୦୨୨ ମାର୍ଚ୍ଚ ମାସ ସୁଦ୍ଧା ରହିଥିଲା । ଭାରତୀୟ ସମ୍ବାଦପତ୍ର ନିମନ୍ତେ ସ୍ଥାନୀୟ କାଗଜକଳଗୁଡ଼ିକ ୫୦ ପ୍ରତିଶତ ଯାଏଁ କାଗଜ ଯୋଗାଉଥିଲେ ହେଁ ଏହାର ଗୁଣବତ୍ତା ପସନ୍ଦଯୋଗ୍ୟ ହୋଇନଥାଏ । ସାଧାରଣରେ ଏହା ମୋଟା ଏବଂ ରୋଟାରି ମୁଦ୍ରଣଯନ୍ତ୍ରରେ ବାରମ୍ବାର ଛିଡ଼ି ଯାଇଥାଏ । ସମ୍ବାଦପତ୍ର ଶିଳ୍ପରେ ସ୍ଥାନୀୟ ଉତ୍ପାଦନର କାଟତି ନଥିବା ହେତୁ କାଗଜକଳଗୁଡ଼ିକ ସମ୍ବାଦପତ୍ର ମୁଦ୍ରଣ କାଗଜ ସହ ଅନ୍ୟାନ୍ୟ କାଗଜ ଉତ୍ପାଦନ ନିମନ୍ତେ ଆଗ୍ରହ ପ୍ରକାଶ କରୁଥିବା ପରିଲକ୍ଷିତ । ଇ-କମର୍ସର କ୍ରମବିକାଶରେ ଜିନିଷପତ୍ର ବନ୍ଧେଇ 'ପ୍ୟାକେଜିଂ' ପାଇଁ ଆବଶ୍ୟକ କାଗଜର ଚାହିଦା ବଢ଼ିଥିବାରୁ ସେଦିଗରେ ମନୋନିବେଶ କରିଥିଲେ । ଆମଦାନୀ ବନ୍ଦ ସମୟରେ ଏହା ସମ୍ବାଦପତ୍ରକୁ ଅଧିକ ମୁଦ୍ରଣ କାଗଜ ଯୋଗାଣର ଦ୍ୱାର ବନ୍ଦ କରିଦେଇଥିଲା ।

ଏହି ସବୁ ସମସ୍ୟା ସାଙ୍ଗକୁ କେନ୍ଦ୍ର ସରକାର ସମ୍ବାଦପତ୍ର ମୁଦ୍ରଣ କାଗଜ ଆମଦାନୀ ଉପରେ ପାଞ୍ଚ ପ୍ରତିଶତ ଟିକସ ପୂର୍ବ ବଜେଟରେ ଲାଗୁ କରିଥିଲେ । ତେବେ ସଂକଟଜନକ ପରିସ୍ଥିତିରେ କାଗଜ ଦର ଦୁଇଗୁଣ ବଢ଼ି ଯାଇଥିବା ହେତୁ ଆନୁପାତିକ ଭାବେ ଟିକସ ପରିମାଣ ମଧ ବୃଦ୍ଧିପ୍ରାପ୍ତ ହୋଇଥିଲା । ସମ୍ବାଦପତ୍ର ଶିଳ୍ପ ପକ୍ଷରୁ ଏହି ଟିକସ ପ୍ରତ୍ୟାହାର ନିମନ୍ତେ ଦାବି କରାଯାଇଥିଲେ ମଧ ସରକାରଙ୍କ ଆତ୍ମନିର୍ଭର ନୀତିରେ କାର୍ଯ୍ୟକାରୀ ହୋଇପାରୁ ନଥିବା ଅନୁମାନ କରାଯାଉଛି । ଭାରତୀୟ ସମ୍ବାଦପତ୍ର ଶିଳ୍ପରେ ମୁଦ୍ରଣ କାଗଜ ଅଭାବ ଓ ଦରବୃଦ୍ଧିକୁ ମୁକାବିଲା ନିମନ୍ତେ ତତ୍କ୍ଷଣାତ ମୋଟା କାଗଜ ବଦଳରେ ପତଳା କାଗଜ ବ୍ୟବହାର ଆରମ୍ଭ କରାଯାଇଥିଲା । କିନ୍ତୁ କେବଳ ଏହି ଉପାୟ ଅଲମ୍ବନରେ ସମସ୍ୟା ସମାଧାନ ହେବା ସଂଭବ ନଥିବା ସ୍ଥଳେ ଅନ୍ୟ କେତେଗୋଟି ଦିଗ ପ୍ରତି ଧାନ ଦେବା ସମୟ ଉପନୀତ । ପ୍ରଥମତଃ, ୧୨ରୁ ୧୬ ପୃଷ୍ଠା ମୁଦ୍ରିତ ସମ୍ବାଦପତ୍ରର ଖଣ୍ଡ ପିଛା ପ୍ରସ୍ତୁତି ଖର୍ଚ୍ଚ ୧୨ ରୁ ୧୫ ଟଙ୍କା ପଡୁଥିବା ସ୍ଥଳେ ବିତରକ କମିସନ ସହ ସାତ ଟଙ୍କାରେ ଗ୍ରାହକଙ୍କୁ ବିକ୍ରୀ ହୁଏତ ବ୍ୟାବସାୟିକସ୍ତରରେ ଦୀର୍ଘକାଳ ପାଇଁ ସଂଭବ ନୁହେ । ସୋସିଆଲ ମିଡ଼ିଆ ଓ ଇ-କମର୍ସର ପ୍ରସାର ପରେ ବିଜ୍ଞାପନ ବ୍ୟୟ ଡିଜିଟାଲ ମଞ୍ଚ ମୁହାଁ ହୋଇଚାଲିଥିବା ପରିବେଶରେ ମୁଦ୍ରିତ ସମ୍ବାଦପତ୍ରଗୁଡ଼ିକୁ ସମ୍ବାଦ ଓ ବିଜ୍ଞାପନ ମଧ୍ୟରେ କ୍ରମବିକଶିତ ପ୍ରାୟୋଜିତ ସମ୍ବାଦରୁ ଆୟ ଯୋଡ଼ିବାକୁ ପଡ଼ିବ । ଉଦାହରଣରେ ଆଞ୍ଚଳିକ ସମ୍ବାଦପତ୍ରଗୁଡ଼ିକରେ ଅନ୍ୟୁନ ୩୦ ରୁ ୪୦ ପ୍ରତିଶତ ସମ୍ବାଦ ପ୍ରୟୋଜିତ ପ୍ରତୀୟମାନ ହୋଇଥାଏ । ଏହି ପ୍ରକ୍ରିୟାକୁ ବିଧିବଦ୍ଧ ମାନ୍ୟତା ଦେଇ ସ୍ୱଚ୍ଛ ହିସାବରେ ସମ୍ବାଦପତ୍ରର ଆୟ ସହିତ ଯୋଡ଼ିଲେ ଆର୍ଥିକ ପରିସ୍ଥିତିରେ ବ୍ୟାପକ ପରିବର୍ତ୍ତନ ସଂଭବ । ଆନ୍ତର୍ଜାତିକସ୍ତରରେ ବହୁ ରାଷ୍ଟ୍ରରେ, ମୁଖ୍ୟତଃ ବିକାଶଶୀଳ ଅର୍ଥନୀତିର ସମ୍ବାଦମଞ୍ଚରେ ପ୍ରାୟୋଜିତ ସମ୍ବାଦ ପ୍ରଚଳନ ରହିଛି । ସମ୍ବାଦପତ୍ର ବ୍ୟାବସାୟିକ କାରଣରୁ ଅସ୍ତିତ୍ୱ ରକ୍ଷା ସମସ୍ୟାରେ ଉପନୀତ ହୋଇଥିବା ଅବସରରେ ପ୍ରାୟୋଜିତ ସମ୍ବାଦ ବୈଧୀକରଣକୁ ଏକ ବଳିଷ୍ଠ ପଦକ୍ଷେପ ରୂପେ ଗ୍ରହଣ କରାଯାଇପାରେ । ସମ୍ବାଦ ସହ ବିଜ୍ଞାପନ ଯଦି ଦୁଇଶହ ବର୍ଷ ଧରି ସମ୍ବାଦପତ୍ର ପୃଷ୍ଠାରେ ଯୋଡ଼ି ହୋଇପାରିଲା, ତେବେ ବର୍ଗୀକୃତ ପ୍ରାୟୋଜିତ ସମ୍ବାଦ ପ୍ରକାଶନ ସମ୍ବାଦପତ୍ର ଶିଳ୍ପ, ସାମ୍ବାଦିକଙ୍କ ସ୍ୱାର୍ଥରକ୍ଷା ଓ ଗୁଣାତ୍ମକ ସମ୍ବାଦ ପ୍ରସାରରେ ସହାୟକ ହେବା ବିଚାର କରାଯାଇପାରେ । ଏଣିକି ସମ୍ବାଦ, ସମ୍ବାଦ-ପ୍ଲସ ଓ ବିଜ୍ଞାପନ ତିନିଗୋଟି ଭାଗରେ ଦୈନିକ ସମ୍ବାଦପତ୍ର ଆଙ୍ଗିକ ବିନ୍ୟାସ ଆବଶ୍ୟକ । 'ଇଣ୍ଡିଆନ ନିଉସପେପରର୍ସ ସୋସାଇଟି'ର ସଭାପତି ମୋହିତ ଜୈନଙ୍କ ହିନ୍ଦି ଦୈନିକ 'ପ୍ରଭାତ ଖବର' ୨୯ ମାର୍ଚ୍ଚ ୨୦୨୨ ସଂସ୍କରଣରେ ପ୍ରକାଶିତ ହିସାବରେ ମହାମାରୀ-ପୂର୍ବାବସ୍ଥାରେ ଭାରତରେ ଚବିଶି ଲକ୍ଷ ଟନ ବୈଦେଶିକ ସମ୍ବାଦପତ୍ର ମୁଦ୍ରଣ କାଗଜ ଆମଦାନୀ ହେଉଥିବା ସ୍ଥଳେ ମାହାମାରୀ-ପର ଅବସ୍ଥାରେ ଚଉଦ ଲକ୍ଷ ଟନକୁ ଖସି ଆସିଥିଲା । ପରିବହନ ଓ ମୂଲ୍ୟବୃଦ୍ଧି କ୍ଷେତ୍ରରେ ଦେଖାଦେଇଥିବା ସଂକଟଜନକ ପରିସ୍ଥିତି ବର୍ଷକ ଯାଏଁ ବଳବତ୍ତର ରହିବା ସେ ଆଶା କରିଥିଲେ । ଏହି ପରିବେଶର ସଫଳ ମୁକାବିଲା ନିମନ୍ତେ କମ ଓଜନର ନିକୃଷ୍ଟମାନର କାଗଜ ବ୍ୟବହାର, ପୃଷ୍ଠା ସଂଖ୍ୟା ହ୍ରାସ କିମ୍ବା ଗ୍ରାହକଚାନ୍ଦା ବୃଦ୍ଧି ବଦଳରେ ସଂପାଦକୀୟ ନୀତି ପରିବର୍ତ୍ତନ ଉପାଦେୟ ମନେହୁଏ ।

ମୁଦ୍ରିତ ସମ୍ବାଦପତ୍ରରେ ଅନାବଶ୍ୟକ ସମ୍ବାଦ ପ୍ରକାଶନକୁ ନିରୁତ୍ସାହିତ କରାଯାଇ ଗୁଣବତ୍ତା ବିକାଶ ସମୟର ଆହ୍ୱାନ । ନୀତିଗତଭାବେ ପ୍ରେସ ବିଜ୍ଞପ୍ତିଗୁଡ଼ିକୁ ପ୍ରାୟୋଜିତ ସମ୍ବାଦ ବର୍ଗୀକୃତକରି ବିଜ୍ଞାପନ ଶୁଳ୍କ ଆଦାୟ କଲେ ସମ୍ବାଦପତ୍ର ଅର୍ଥନୀତିରେ କେତେକାଂଶରେ ସୁଧାର ସମ୍ଭବ । ଏକ ପକ୍ଷରେ ପ୍ରଚାରଧର୍ମୀ ସମ୍ବାଦ ମୁଦ୍ରଣ ଓ ବିତରଣ ଖର୍ଚ୍ଚ ପାଠକଙ୍କୁ ବହନ କରିବା ନିମନ୍ତେ ବାଧ ନ କରାଯାଇ ଅପରପକ୍ଷରେ ମୁଦ୍ରିତ ସମ୍ବାଦପତ୍ରରେ ମୂଲ୍ୟ ବିନିମୟରେ ସର୍ବସାଧାରଣଙ୍କୁ ନିଜ ପକ୍ଷ ଆଧାରିତ ସମ୍ବାଦ ପ୍ରକାଶନର ସୁଯୋଗ ପ୍ରଦାନ ଉନ୍ନତ ଗଣତାନ୍ତ୍ରିକ ମୂଲ୍ୟବୋଧରେ ପର୍ଯ୍ୟବସିତ ହେବ ।

## ଆଜିର ଚିନ୍ତନ

**ସ**ତମୁନି ମୁନି ମଣ୍ଡଳୀକୁ ସମ୍ବୋଧନ କରି କହୁଛନ୍ତି, ବୁଦ୍ଧିମାନ୍ ପୁରୁଷ କେବେ ହେଁ ଦୁଷ୍ଟା ଓ ଚରିତ୍ର ଭ୍ରଷ୍ଟା ସ୍ତ୍ରୀମାନଙ୍କ ସହ ସଙ୍ଗ କରିବା ଉଚିତ ନୁହେଁ । ଯେଉଁ ମୁର୍ଖ ସେମାନଙ୍କୁ ବିଶ୍ୱାସ କରେ ତାହାକୁ ବହୁତ ଦୁଃଖ ସହିବାକୁ ପଡ଼େ । ଏ ପ୍ରସଙ୍ଗରେ ସେ ଧୁନ୍ଧୁକାରୀ ଚରିତ୍ରର ଅବତାରଣା କରିଛନ୍ତି । ଦୁଷ୍ଟା ସ୍ତ୍ରୀମାନଙ୍କର ବଚନ ଅମୃତ ପରି କାମୀ ଜନଙ୍କ ହୃଦୟରେ ରସ ସଞ୍ଚାର କରିଥାଏ । କିନ୍ତୁ ସେମାନଙ୍କର ହୃଦୟ କ୍ଷୁର ଧର ପରି ତୀକ୍ଷ୍ଣ ଅର୍ଥାତ ଆବଶ୍ୟକ ହେଲେ ସେମାନେ ଅତି ନିଷ୍ଠୁର ବ୍ୟବହାର କରିଯାଆନ୍ତି । ଧୁନ୍ଧୁକାରୀ ନିଜ ଗୃହରେ ରଖିଥିବା ବହୁ କୁଳଟା ଓ ବହୁ ପୁରୁଷଗାମୀ ସ୍ତ୍ରୀମାନେ ତା'ର ସମୁଦାୟ ଧନସଂପଦ ହରଣ କରି ସେ ଶୋଇଥିବା ଅବସ୍ଥାରେ ତା' ମୁହଁରେ ଜଳନ୍ତା ନିଆଁ ଢାଳି ତାଙ୍କୁ ଜୀବନରେ ମାରି ଦେଇ ସେଠାରୁ ଚାଲି ଯାଇଥିଲେ । ଧୁନ୍ଧୁକାରୀ ତା'ର କୁକର୍ମରୁ ମୃତ୍ୟୁ ପରେ ଭୟଙ୍କର ପ୍ରେତ ହୋଇ ଯାଇଥିଲା । ଧୁନ୍ଧୁକାରୀ କାମ ବଶ ହୋଇ ସେହି ବହୁପୁରୁଷ ଗାମିନୀ ରମଣୀମାନଙ୍କୁ ସେହି କୁଳଟାମାନଙ୍କୁ ଅତି ବିଶ୍ୱାସ କରି ନାନା ପ୍ରକାର ହିଂସା ଓ ଅନ୍ୟାୟ ଆଚରଣ କରି ଧନ ସଂଗ୍ରହ ପୂର୍ବକ ସେମାନଙ୍କୁ ଅତି ସୁଖରେ ରଖିଥିଲା କିନ୍ତୁ ପରିଶେଷରେ ସେହି ସ୍ତ୍ରୀମାନେ ହିଁ ତା'ର ପ୍ରାଣ ନେଲେ । କାମ ଅତି ଭୟଙ୍କର । ମନୁଷ୍ୟ କ'ଣ, ନିଜେ ସୃଷ୍ଟିକର୍ତ୍ତା ବ୍ରହ୍ମା କିପରି କାମ ବଶ ହୋଇ ଯାଇଥିଲେ ସେ କଥା ମୈତ୍ରେୟ ଋଷି ବିଦୁରଙ୍କୁ ବୁଝାଇଛନ୍ତି । ବ୍ରହ୍ମାଙ୍କର ବଚନ ଜାତ କନ୍ୟା ସରସ୍ୱତୀ । ସରସ୍ୱତୀ ଅତ୍ୟନ୍ତ ସୁନ୍ଦରୀ ତାଙ୍କ ଶରୀର ଅତ୍ୟନ୍ତ ଗୌରବର୍ଣ୍ଣ । କୁନ୍ଦ ଇନ୍ଦୁ ତୁଷାର ଧବଳ, ଶୁଭ୍ରା । ଯା କୁନ୍ଦେନ୍ଦୁ ତୁଷାର ହାର ଧବଳା ଏବଂ ଭୂତା ମନୋରମା ସରସ୍ୱତୀ ନିଜ କନ୍ୟାଙ୍କୁ ଦେଖି ପିତା ବ୍ରହ୍ମା କାମ ମୋହିତ ହୋଇ ଯାଇଥିଲେ । ନିଜ ଝିଅ ପ୍ରତି ଆସକ୍ତ ହେବା ଦେଖି ତାଙ୍କର ମରୀଚି ମୁନି ପ୍ରଭୃତି ପୁତ୍ରମାନେ ତାଙ୍କୁ ଏପରି ଅଧର୍ମ କର୍ମରୁ କ୍ଷାନ୍ତ ହେବା ପାଇଁ ତାଙ୍କୁ ବୁଝାଇଲେ । ମରୀଚୀ ଆଦି ପୁତ୍ରମାନେ କହିଲେ, ହେ ପିତା । ଆପଣ ସର୍ବ ସମର୍ଥ ହୋଇ ସୃଷ୍ଟି ନିର୍ମାଣ କରି ମଧ ଅସ୍ଥିର ଚିତ୍ତରେ ନିଜର କନ୍ୟା ସହିତ ଏପରି ପାପ ସମ୍ପର୍କ ରଖିବାକୁ କଳ୍ପନା କରୁଛନ୍ତି ଆପଣଙ୍କ ପୂର୍ବରୁ ତ ଏପରି ଅପକର୍ମ କେହି କରି ନଥିଲେ କି ଭବିଷ୍ୟତରେ ମଧ କରିବେ ନାହିଁ (ଭା, ତୃତୀୟ ସ୍କନ୍ଧ, ଦ୍ୱାଦଶ ଅଧ୍ୟାୟ) । "ଯେ କନ୍ୟା ବଚନୁ ଜନ୍ମିଲା, ବ୍ରହ୍ମାଙ୍କ ମନ ସେ ମୋହିଲା । ସକାମେ ବ୍ରହ୍ମା ତା'ର ହସ୍ତ, ଧରିଲେ ରତି ସଙ୍ଗ ଅର୍ଥ । ଅଧର୍ମ ଦେଖି ବ୍ରହ୍ମା ଚିତ୍ତେ, ପୁତ୍ର ମିଳିଲେ ତା ଅଗ୍ରତେ । ମରୀଚୀ ଆଦି ଯେତେ ଭାଇ, ବୋଲନ୍ତି ପିତା ମୁଖ ଚାହିଁ । ହେ ତାତ ! ସ୍ଥିର କର ଚିତ୍ତ । ଏ ତ ତୁମ୍ଭର ବିପରୀତ । ଯେ କର୍ମ ପୂର୍ବା ପରେ ନାହିଁ, ଏବେ ଏ ସମ୍ଭବିବ କାହିଁ ? କାହିଁ ଦୁହିତା ରମେ ପିତା, ଏଣୁ ଆମ୍ଭର ମନେ ଚିନ୍ତା । ବ୍ରହ୍ମାଙ୍କ ପରି ଦେବତା ମଧ କାମ ବଶ ହୋଇ ଯାଇଥିଲେ । ତେଣୁ କାମ ବା କନ୍ଦର୍ପ ଅତ୍ୟନ୍ତ ବଳୀୟାର । ଏ ସବୁ ଦୃଷ୍ଟିରୁ କାମ ଅତ୍ୟନ୍ତ ଦୁର୍ଜୟ ।

# ଭାରତୀୟ ଦର୍ଶନର ମୂଳ ଅବଧାରଣା

ଭାରତରେ ଦର୍ଶନର ପରମ୍ପରା ପାଶ୍ଚାତ୍ୟ ଦର୍ଶନ ଠାରୁ ସର୍ବଥା ଭିନ୍ନ । ପଶ୍ଚିମରେ ଏହାର ପର୍ଯ୍ୟାୟବାଚୀ ଶବ୍ଦ ହେଉଛି ଫିଲୋସଫି, ଯାହା ଫିଲସ ଓ ସୋଫିଆ ଶବ୍ଦ ମିଶି ସୃଷ୍ଟି ହୋଇଛି, ଯାହାର ଅର୍ଥ ହେଉଛି ଜ୍ଞାନ ସହିତ ପ୍ରେମ । ଏହି ପ୍ରକାର ପଶ୍ଚିମରେ ଦର୍ଶନର ଉଦ୍‌ଭବ ଜିଜ୍ଞାସା ଓ ଉତ୍ସୁକତାର ଭାବରୁ ହୋଇଥାଏ ଆଉ ତର୍କ ସହିତ ଆଗକୁ ବଢ଼ିଥାଏ । ଏଥିରେ ବିଶ୍ୱ ଜୀବନର ସମସ୍ୟାଗୁଡ଼ିକ ଉପରେ ବିଚାର ହୋଇଥାଏ, ଯାହା ଗୋଟିଏ ସ୍ତର ପର୍ଯ୍ୟନ୍ତ ସମାଧାନର ସ୍ଥିତିରେ ପହଞ୍ଚାଇ ଦେଇଥାଏ ।

ଜ୍ଞାନର ଏହି ଅବସ୍ଥା ଦ୍ୱୈତ ହୋଇଥାଏ, ଏହାର ଆଗକୁ ବଢ଼ିପାରେ ନାହିଁ, କିନ୍ତୁ ଭାରତରେ ତାହାର ଆରମ୍ଭ ଜିଜ୍ଞାସାରୁ ଅଧିକ 'ଜୀବନ ରହସ୍ୟର ସମାଧାନ' ଦୃଷ୍ଟିରୁ ହୋଇଛି, ଯାହା ପଛରେ ମୁମୁକ୍ଷୁତ୍ୱ ଓ ଦୁଃଖରୁ ଆତ୍ୟନ୍ତିକ ନିବୃତ୍ତିର ଭାବ ଥାଏ । ଏଠାରେ ଦର୍ଶନର ଉଦ୍ଦେଶ୍ୟ ସହଜ ଜ୍ଞାନ ପ୍ରାପ୍ତି ନୁହେଁ, ବରଂ ଜ୍ଞାନର ଅନୁଭୂତି ଅଟେ, ଯଦ୍ୱାରା ଜୀବନର ସମସ୍ୟାଗୁଡ଼ିକର ପୂର୍ଣ୍ଣ ସମାଧାନ ପ୍ରାପ୍ତ ହୋଇ ପାରିବ ଏହା ବୁଦ୍ଧି ଠାରୁ ଅଧିକ ଅନ୍ତଃପ୍ରଜ୍ଞା (ଇଣ୍ଟ୍ୟୁସନ) ଉପରେ ଆଧାରିତ ।

ପ୍ର. ମ୍ୟାକ୍ସମୂଲରଙ୍କ ଶବ୍ଦରେ, ଭାରତରେ ଦର୍ଶନର ଅଧ୍ୟୟନ କେବଳ ମାତ୍ର ଜ୍ଞାନ ଲାଭ କରିବା ପାଇଁ ନୁହେଁ, ବରଂ ତାହା ଜୀବନର ଚରମ ଉଦ୍ଦେଶ୍ୟ ପ୍ରାପ୍ତି ପାଇଁ କରାଯାଇଥାଏ । ଦର୍ଶନ ଶବ୍ଦ ଦୃଶ୍ ଧାତୁରୁ ସୃଷ୍ଟି ହୋଇଛି, ଯାହାର ଅର୍ଥ ହେଉଛି 'ଯାହା ଦ୍ୱାରା ଦେଖାଯାଏ' । ଏହି ପ୍ରକାର ଭାରତରେ ଦର୍ଶନ ସେହି ବିଦ୍ୟା ଅଟେ, ଯାହା ଦ୍ୱାରା ତତ୍ତ୍ୱର ସାକ୍ଷାତ୍‌କାର ହୋଇଥାଏ । ଏଠାରେ ଦର୍ଶନ କେବଳ ତତ୍ତ୍ୱର ବ୍ୟାଖ୍ୟା ଦ୍ୱାରା ସନ୍ତୁଷ୍ଟ ହୋଇ ନଥାଏ, ବରଂ ତାହା ତତ୍ତ୍ୱର ଅନୁଭୂତି ମଧ କରାଇବା ଚାହିଁଥାଏ । ଏହି ପ୍ରକାର ଏଠାରେ ଦର୍ଶନ ଆଧାତ୍ମିକ ସମାଧାନ ଦିଗରେ ନେଇଯାଏ, ଯାହା ନିଜର ଚରମ ପରିଣତିରେ ଅଦ୍ୱୈତ ଅବସ୍ଥାର ସୂଚକ ହୋଇଥାଏ ।

ଏହାର ବିପରୀତ ପାଶ୍ଚାତ୍ୟ ଦର୍ଶନ ବୌଦ୍ଧିକ ଅଟେ, ଯେଉଁଠି ସମସ୍ତ ଦାର୍ଶନିକ କହନ୍ତି ଯେ ବୁଦ୍ଧି ଦ୍ୱାରା ବାସ୍ତବିକ ଓ ସତ୍ୟ ଜ୍ଞାନର ପ୍ରାପ୍ତି ହୋଇପାରେ ସକ୍ରେଟିସ, ପ୍ଲେଟୋ, ଡେକାର୍ଟ, ସ୍ପିନୋଜା, ହେଗଲଙ୍କ ଭଳି ସମସ୍ତ ଦାର୍ଶନିକ ବୁଦ୍ଧିର ମହତ୍ତ୍ୱକୁ ଜୋର୍ ଦେଇଛନ୍ତି, ଯଦ୍ୟପି ଭାରତୀୟ ଦର୍ଶନକୁ ଆମେ । ଅଧ୍ୟାତ୍ମବାଦର ରଙ୍ଗରେ ରଞ୍ଜିତ କରିପାରୁ ।

ଏଠାରେ ଦାର୍ଶନିକ କେବଳ ସତ୍ୟର ସୈଦ୍ଧାନ୍ତିକ ବିବେଚନା ଦ୍ୱାରା ସନ୍ତୁଷ୍ଟ ହୋଇ ନ ଥାଏ, ବରଂ ସେ ସତ୍ୟର ଅନୁଭୂତି ଉପରେ ଗୁରୁତ୍ୱ ଆରୋପ କରିଥାଏ ଏହି ପ୍ରକାର ପାଶ୍ଚାତ୍ୟ ଦର୍ଶନ ବିଶ୍ଲେଷଣାତ୍ମକ ଅଟେ, ଯେଉଁଥିରେ ତତ୍ତ୍ୱଜ୍ଞାନ, ସୌନ୍ଦର୍ଯ୍ୟ ବିଜ୍ଞାନ, ପ୍ରମାଣ ବିଜ୍ଞାନର ବ୍ୟାଖ୍ୟା କରାଯାଇଛି । ଭାରତୀୟ ଦର୍ଶନରେ ଏସବୁ ଉପରେ ଏକାସାଙ୍ଗରେ ବିଚାର କରାଯାଇଛି । ଏଠାରେ ସଂଶ୍ଲେଷଣାତ୍ମକ ଦୃଷ୍ଟିକୋଣ ଗ୍ରହଣ କରାଯାଇଛି ପାଶ୍ଚାତ୍ୟ ଦର୍ଶନ ଇହଲୋକର ସତ୍ତା ଉପରେ ବିଶ୍ୱାସ କରିଥାଏ; ଯଦ୍ୟପି ଭାରତୀୟ ଦର୍ଶନ ପରଲୋକ ଉପରେ ବି ବିଶ୍ୱାସ କରିଥାଏ, ଯେଉଁଠି ମୃତ୍ୟୁ ପରେ ମଧ ଅସ୍ତିତ୍ୱ ଥିବା ଉପରେ ବିଚାର କରାଯାଏ ।

ଭାରତୀୟ ଦର୍ଶନ ଏବଂ ପାଶ୍ଚାତ୍ୟ ଦର୍ଶନରେ ଏକ ମୌଳିକ ଅନ୍ତର ରହିଛି ପାଶ୍ଚାତ୍ୟରେ ଦର୍ଶନକୁ ସାଧ ବୋଲି ସ୍ୱୀକାର କରାଯାଏ । ଯଦି ଓ ଭାରତରେ ଏହାକୁ ଏକ ସାଧନ ରୂପେ ମାନ୍ୟତା ମିଳିଛି । ଆଧାତ୍ମିକ ଅନୁଭୂତି ବୌଦ୍ଧିକ ଜ୍ଞାନ ଠାରୁ ଉଚ୍ଚ । ବୌଦ୍ଧିକ ଜ୍ଞାନରେ ଜ୍ଞାତା ଓ ଜ୍ଞେୟ ମଧରେ ଦ୍ୱୈତର ଭାବ ରହିଥାଏ, ଯଦ୍ୟପି ଆଧାତ୍ମିକ ଜ୍ଞାନରେ ଜ୍ଞାତା ଓ ଜ୍ଞେୟର ଭେଦ ରହି ନ ଥାଏ । ଏହା ସହିତ ଭାରତୀୟ ଦର୍ଶନର ମୁଖ୍ୟ ବିଶେଷତ୍ୱ ତାହାର ବ୍ୟାବହାରିକ ସ୍ୱରୂପ ଅଟେ, ଯାହାର ପ୍ରାଦୁର୍ଭାବ ଜୀବନର ସମସ୍ୟାଗୁଡ଼ିକର ସମାଧାନ ପାଇଁ ହୋଇଛି ପାଶ୍ଚାତ୍ୟ ଦର୍ଶନ ଭଳି ଭାରତୀୟ ଦର୍ଶନର ଆରମ୍ଭ ଆଶ୍ଚର୍ଯ୍ୟ ଓ ଉତ୍ସୁକତା ଅତିରିକ୍ତ ଜୀବନର ଦୁଃଖର ଶମନ ଏବଂ ନିରାକରଣ ପାଇଁ ହୋଇଛି ।

ଏହି କ୍ରମରେ ଜୀବନରେ ଦୁଃଖଗୁଡ଼ିକର କାରଣର ଅନୁସନ୍ଧାନ କରାଯାଇଛି ତଥା ଏହାର ଆତ୍ୟନ୍ତିକ ଉପଚାର ଉପରେ ତାତ୍ତ୍ୱିକ ବିଚାର ହୋଇଛି, ଯାହାର ଅନ୍ତର୍ଗତ ଜ୍ଞାନର ଚର୍ଚ୍ଚା ଜ୍ଞାନ ପାଇଁ ନ ହୋଇ ମୋକ୍ଷାନୁଭୂତି ପାଇଁ କରାଯାଇଛି । ମୋକ୍ଷର ଅର୍ଥ ହେଉଛି ଏପରି ଅବସ୍ଥା, ଯେଉଁଠି ଦୁଃଖଗୁଡ଼ିକର ସର୍ବଥା ଅଭାବ ହୋଇଥାଏ ।

ମୋକ୍ଷକୁ ପରମଲକ୍ଷ୍ୟ ମାନିବା କାରଣରୁ ଭାରତୀୟ ଦର୍ଶନକୁ ମୋକ୍ଷ ଦର୍ଶନ ମଧ କୁହାଯାଏ । ଏହାର କେନ୍ଦ୍ରରେ ଆତ୍ମତତ୍ତ୍ୱ ରହିବା, ଏହାର ଆଧାତ୍ମିକ ସ୍ୱରୂପକୁ ଇଙ୍ଗିତ କରିଥାଏ, ଯେଉଁ କାରଣରୁ କେବେ କେବେ ଏହାକୁ ଆତ୍ମବିଦ୍ୟା ମଧ କୁହାଯାଏ । ଅଧାତ୍ମର ବୈଜ୍ଞାନିକ ଓ ବ୍ୟାବହାରିକ ସ୍ୱରୂପକୁ ସର୍ବସୁଲଭ କରାଇ ଏହାକୁ ଯୁଗଦର୍ଶନ ରୂପେ ପ୍ରତିଷ୍ଠାପନ କଲେ, ଯେଉଁଥିରେ ଜୀବନର ତାତ୍ତ୍ୱିକ ଚିନ୍ତନ ସହିତ ଜୀବନ ସାଧନା ରୂପରେ ଏହାର ସର୍ବାଙ୍ଗୀଣ ସ୍ୱରୂପ ସ୍ପଷ୍ଟ ହୋଇଥାଏ ।

# ସନ୍ଥ ନାମଦେବଙ୍କ ଭଗବଦ୍ ଦୃଷ୍ଟି

ଯଦି ମନ ନିର୍ମଳ ହୋଇଥିବ ଆଉ ହୃଦୟରେ ଭଗବାନଙ୍କ ପାଇଁ ଅଗାଧ ପ୍ରେମ ଥିବ ତେବେ ଭକ୍ତକୁ ଭଗବାନଙ୍କ କୃପା ଅବଶ୍ୟ ପ୍ରାପ୍ତ ହେବ । ଭଗବାନଙ୍କୁ ପ୍ରେମ ଦ୍ୱାରା ହିଁ ଲାଭ କରାଯାଇ ପାରେ, କାରଣ ଭଗବାନ ସ୍ୱୟଂ ପ୍ରେମ ରୂପ ଅଟନ୍ତି । ପ୍ରେମ କାରଣରୁ ହିଁ ଭଗବାନ ରାମ ଶବରୀର ଅଇଁଠା କୋଳି ଖାଇଥିଲେ ଓ ଭଗବାନ କୃଷ୍ଣ ଦୁର୍ଯ୍ୟୋଧନଙ୍କ ମେବା-ମିଷ୍ଟାନ୍ନ ଆଦି ଛପନ ପ୍ରକାରର ଭୋଗକୁ ତ୍ୟାଗ କରି ବିଦୁରଙ୍କ ଘରେ ଶାଗ ଓ କଦଳୀର ଚୋପା ମଧ ଖାଇଥିଲେ ।

ଭାରତର ଆଧାତ୍ମିକ ଭୂମିରେ ଏପରି ଅନେକ ଭକ୍ତ ଜନ୍ମ ନେଇଛନ୍ତି, ଯେଉଁମାନଙ୍କୁ ଭଗବାନଙ୍କ ଦିବ୍ୟ ସ୍ୱରୂପର ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ସେମାନଙ୍କ ମଧରୁ ଜଣଙ୍କର ନାମ ହେଉଛି ସନ୍ଥ ନାମଦେବ । ତାଙ୍କର ନିଷ୍କଳତା, ନିଷ୍କପଟତା, ପବିତ୍ରତା ଓ ସଚ୍ଚା ଭକ୍ତି କାରଣରୁ ନିର୍ଗୁଣ, ନିରାକାର ଭଗବାନ ସାକାର, ସଗୁଣ ରୂପରେ ପ୍ରକଟ ହୋଇ ତାଙ୍କୁ ନିଜର ଦିବ୍ୟ ସ୍ୱରୂପର ଦର୍ଶନ କରାଉଥିଲେ । ନାମଦେବ ବାଲ୍ୟକାଳରୁ ହିଁ ଭଗବାନଙ୍କ ପ୍ରେମରେ ବୁଡ଼ି ରହୁଥିଲେ । ତାଙ୍କର ନିଶ୍ଛଳ, ନିଷ୍କପଟ ପ୍ରେମ କାରଣରୁ ଭଗବାନ ପାଣ୍ଡୁରଙ୍ଗ ନିଜର ଦିବ୍ୟ ଚତୁର୍ଭୁଜ ରୂପରେ ପ୍ରକଟ ହୋଇ ପ୍ରଥମ ଥର ତାଙ୍କର ବାଲ୍ୟାବସ୍ଥାରେ ହିଁ ତାଙ୍କୁ ପବିତ୍ର କରି ଦେଇଥିଲେ । କୁହାଯାଏ ଯେ ଭଗବାନ ପ୍ରତ୍ୟକ୍ଷ ରୂପେ ପ୍ରକଟ ହୋଇ ତାଙ୍କ ଦ୍ୱାରା ଅର୍ପିତ ଭୋଗକୁ ଗ୍ରହଣ କରିଥିଲେ ଯେତେବେଳେ ଭଗବାନ ଭକ୍ତର ସଚ୍ଚା ଭକ୍ତିକୁ ଦେଖି ତା'ର ହୃଦୟରେ ଆସି ବିରାଜମାନ କରନ୍ତି ତ ଭକ୍ତର ଦୃଷ୍ଟି ମଧ ଭଗବଦ୍ ଦୃଷ୍ଟି ହୋଇଯାଏ ।

ଏପରି ଭକ୍ତ ପୁଣି ନିଜ ମନର ଆଖିରେ ପ୍ରତିକ୍ଷଣ ନିଜର ଭଗବାନଙ୍କ, ନିଜର ଆରାଧ୍ୟଙ୍କ ଦର୍ଶନ କରି ତୃପ୍ତ ହୋଇଥାଏ, ଆନନ୍ଦିତ ହୋଇଥାଏ । ଯେପରି ସାଧାରଣ ବ୍ୟକ୍ତିର ଆଖିରେ ଭୌତିକ ସଂସାର ଦେଖା ଯାଇଥାଏ, ଭକ୍ତର ଆଖିରେ ସେହି ଭଳି ଦେଖାଯାଇ ନଥାଏ । ଭକ୍ତକୁ ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ ବ୍ୟକ୍ତି ମଧରେ, ପ୍ରତ୍ୟେକ ପ୍ରାଣୀ ମଧରେ ତା'ର ଆରାଧ୍ୟ, ତା'ର ଭଗବାନ ହିଁ ଦେଖା ଯାଇଥାନ୍ତି ।

ସନ୍ଥ ନାମଦେବଙ୍କ ଭଗବଦ୍ ଦୃଷ୍ଟି ସହିତ ଜଡ଼ିତ ଅନେକ ରୋଚକ ଘଟଣା ଏବଂ ପ୍ରେରକ ପ୍ରସଙ୍ଗ ରହିଛି । ଥରେ ସେ ସନ୍ଥ ଜ୍ଞାନେଶ୍ୱରଙ୍କ ସାଥିରେ ଯାତ୍ରା କରୁଥିଲେ । ଦୁହେଁ ଭଗବଦ୍ ଚର୍ଚ୍ଚା କରି କରି ଯାଉଥିଲେ । ଯାତ୍ରାରେ ଉଭୟଙ୍କୁ ବହୁତ ଶୋଷ ଲାଗିଲା । ରାସ୍ତାରେ ଏକ କୂଅ ମିଳିଲା । ସେଥିରେ ପାଣିର ଚିହ୍ନବର୍ଣ୍ଣ ନ ଥିଲା । ପୁଣି ପାଣି ପିଇବେ କିପରି ? ସନ୍ଥ ଜ୍ଞାନେଶ୍ୱର ନିଜର ଯୋଗ ବଳରେ କୂଅ ଭିତରର ମାଟିରେ ପଶି ପାଣି ପିଇଲେ ଏବଂ ନାମଦେବଙ୍କ ପାଇଁ ମଧ ଅଳ୍ପ ନେଇ ଆସିଲେ, କିନ୍ତୁ ନାମଦେବ ତାଙ୍କୁ କହିଲେ- "ମୁଁ ଏହି ପାଣି ପିଇବି ନାହିଁ ।

ସନ୍ଥ ଜ୍ଞାନେଶ୍ୱର କହିଲେ- "କାହିଁକି ପିଇବ ନାହିଁ ? ଜଳ ତ ଜଳ ଅଟେ, ତୃଷା ମେଣ୍ଟାଇବା ଦରକାର । ଏହା ଶୁଣି ନାମଦେବ କହିଲେ- 'କ'ଣ ମୋର ବିଟ୍‌ଠଲଙ୍କୁ ମୋର ଚିନ୍ତା ନାହିଁ, କ'ଣ ତାଙ୍କୁ ଜଣା ନାହିଁ ଯେ ମୁଁ ତୃଷାର୍ତ୍ତ ? କୁହାଯାଏ ଯେ ନାମଦେବ ଏପରି କହିବା କ୍ଷଣି କୂଅଟି ଉପର ପର୍ଯ୍ୟନ୍ତ ଜଳରେ ଭରିଗଲା ଆଉ ପୁଣି ନାମଦେବଜି ମନ ଭରି ଜଳ ପିଇଲେ ।

ଥରେ ନାମଦେବଙ୍କ କୁଟୀରରେ ନିଆଁ ଲାଗିଗଲା ଓ ସେ ପ୍ରେମରେ ମସ୍ତ ହୋଇ ଆଖପାଖରେ ଥିବା ଅନ୍ୟ ବସ୍ତୁଗୁଡ଼ିକୁ ମଧ ଅଗ୍ନିରେ ନିକ୍ଷେପ କଲେ ଏବଂ କହିଲେ "ହେ ପ୍ରଭୁ ! ହେ ମୋର ପାଣ୍ଡୁରଙ୍ଗ । ଆଜି ଆପଣ ଲାଲ ଲାଲ ଶିଖା ରୂପରେ ବିରାଜମାନ ହୋଇଛନ୍ତି, କିନ୍ତୁ ବାକି ବସ୍ତୁଗୁଡ଼ିକ କ'ଣ ଅପରାଧ କଲେ, ଆପଣ ଏଗୁଡ଼ିକୁ ମଧ ସ୍ୱୀକାର କରନ୍ତୁ, ପ୍ରଭୁ ।" ସେ ଏପରି କହିବା କ୍ଷଣି ଅଗ୍ନି ଲିଭିଗଲା । ଅଗ୍ନିର ଉଠୁଥିବା ଶିଖାରେ ମଧ ତାଙ୍କୁ ତାଙ୍କର ପାଣ୍ଡୁରଙ୍ଗ ହିଁ ଦେଖାଗଲେ । ଆଉ ଥରେ ନାମଦେବ ରୁଟି ତିଆରି କରୁଥିଲେ । ସେହି ସମୟରେ ଗୋଟିଏ କୁକୁର ସେଠାକୁ ଆସିଲା ଓ ତାଙ୍କ ପାଖରେ ରଖାଯାଇଥିବା ରୁଟି ଖଣ୍ଡ ଧରି ସେଠାରୁ ଦଉଡ଼ି ପଳାଇଲା ଏହା ଦେଖି ନାମଦେବ ହାତରେ ଘିଅର ଗିନା ଧରି ତା ପଛେ ପଛେ ଦଉଡ଼ିଲେ । ସେ ଦଉଡୁ ଥିଲେ ଓ ପ୍ରେମରେ ବିହ୍ୱଳ ହୋଇ କହୁଥିଲେ - "ହେ ମୋର ପ୍ରଭୁ ! ହେ ମୋର ପାଣ୍ଡୁରଙ୍ଗ । ଆପଣ ଯେଉଁ ରୁଟିଟି ନେଇଛନ୍ତି, ସେଥିରେ ମୁଁ ଏପର୍ଯ୍ୟନ୍ତ ଘିଅ ଲଗାଇ ନାହିଁ । ହେ ପ୍ରଭୁ ! ସେହି ରୁଟିରେ ଘିଅ ଲଗାଇବାକୁ ଦିଅନ୍ତୁ, ମୋତେ ଘିଅ ତ ଲଗାଇବାକୁ ଦିଅନ୍ତୁ ମୋର ପ୍ରଭୁ । ପୁଣି ଭୋଗ ଲଗାନ୍ତୁ ।

ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ

## ଟିକିଏ ହସନ୍ତୁ

ଚୋପଡ଼ା ଅଙ୍କଲଙ୍କୁ ପପ୍ପୁ: ଅଙ୍କଲ୍ ଆପଣ ଚେମିଷ୍ଟ ନା ?
ଅଙ୍କଲ: ଚେମିଷ୍ଟ ନୁହେଁ କେମିଷ୍ଟ ।
ପପ୍ପୁ: ହେଲେ ତା'ର ସ୍ପେଲିଂ ତ ସିଏଚରୁ ଆରମ୍ଭ ।
ଅଙ୍କଲ: ସିଏଚ୍, 'ଚ' ନୁହେଁ 'କ' ହେବ ।
ପପ୍ପୁ: ଓଃ । କୋପଡ଼ା ଅଙ୍କଲ ।

× × × ×

ମୀରା ରମେଶକୁ: ତମେ କ'ଣ କର ?
ରମେଶ: ସିଏ ।
ମୀରା: ଆରେ ୱା, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ।
ରମେଶ: ନା, କମ୍ପ୍ଲିଟ୍ ଆରାମ ।

× × ×

ବିବାହ ପରର ପ୍ରଥମ ଦିନରେ ଶାଶୁ ବୋହୁକୁ: ଆଜିଠାରୁ ଏଇ ଘର ତୋ'ର ।
ତୁ ମୋ ବୋହୁ ନୁହେଁ ଝିଅ । ଆଉ ମୁଁ ଶାଶୁ ନୁହେଁ ମା ।
ବୋହୁ: ହଉ ମା' । ତାହେଲେ ମୁଁ ଆଉ କିଛି ସମୟ ଶୋଇପଡୁଛି । ମାତ୍ର ୭ ଟା ହେଇଛି, ୧୦-୧୧ ଟାରେ ଉଠେଇ ଦେବ ।
ଆଉ ପ୍ଲିଜ୍ ଚା' ନେଇକି ଆସିଥିବ ।



× × × ×

ଚିକୁ: ଗୋରା କରୁଥିବା କ୍ରିମ୍ ଅଛି ?
ଦୋକାନି: ହଁ ।
ଚିକୁ: ତା' ହେଲେ ଲଗାଉ ନ କ'ଣ ପାଇଁ ?
ମୁଁ ସବୁଦିନ ତୁମକୁ ଦେଖି ଡରିଯାଉଛି ।

× × × × × ×

ପିଣ୍ଟୁ: ଛୋଟ ଛୋଟ ଜିନିଷ ବହୁତ ଦୁଃଖ ଦିଏ ।
ଚିଣ୍ଟୁ: କେମିତି ?
ପିଣ୍ଟୁ: ତୁ ପର୍ବତ ଉପରେ ବସିପାରିବୁ ।
ହେଲେ ଛୁଞ୍ଚ ଉପରେ କ'ଣ ବସିପାରିବୁ ?

ବର୍ଷ ୨୬, ସଂଖ୍ୟା- ୧୫, ୧୦ - ୧୬ ଏପ୍ରିଲ ୨୦୨୨

# ମାଗଣା ଦେଲେ ଦେବାଳିଆ ହେବ

ମତଦାତାଙ୍କୁ ଗଣିବା ପାଇଁ 'ମାଗଣା' ସେବାକୁ ଅସ୍ତ୍ର ବନାଉଛନ୍ତି ରାଜନୈତିକ ଦଳ । କ୍ଷମତାକୁ ଆସିଲେ ମାଗଣା ବିଜୁଳି ଦେବୁ । ଫ୍ରି ରେ ଗ୍ୟାସ ସଂଯୋଗ, ମାଗଣା ପାଣି, ରାସନ୍ ଆହୁରି କେତେ କ'ଣ ଏହି ଲମ୍ବା ତାଲିକା ମଧରେ ରାଜ୍ୟ ତଥା ଦେଶର ଅର୍ଥନୀତି ଏବେ ବିପଦରେ । ମାଗଣା ସେବା ବା ଫ୍ରିବିଜ୍ ଯେ କେତେ ଭୟଙ୍କର ତାହାକୁ ଆକଳନ କରିବା ମୁସ୍କିଲ । ଲୋକଙ୍କୁ ଲୋଭ ଦେଖାଇ ଭୋଟ ସିନା ମିଳିଯିବ କିନ୍ତୁ ପରିଣାମ କେତେ ଭୟଙ୍କର, ତାହା ଅନୁମାନ ବାହାରେ । ଫ୍ରିବିଜ୍ ଚକ୍କରରେ ଅନେକ ରାଜ୍ୟ ଏବେ ଦେବାଳିଆମୁହାଁ । କେତେଜଣ ପ୍ରମୁଖ ସଚିବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଚେତାବନୀ ଦେଇଛନ୍ତି ଯେ, ରାଜନୈତିକ ଦଳଗୁଡ଼ିକର ଏହି ପ୍ରବୃତ୍ତିକୁ ରୋକାଯିବା ଜରୁରୀ । ନଚେତ୍ ରାଜ୍ୟଗୁଡ଼ିକ ଶ୍ରୀଲଙ୍କା କିମ୍ବା ଗ୍ରୀସ ଭଳି କାଙ୍ଗାଳ ହୋଇଯିବେ । ଏହି ପ୍ରସଙ୍ଗକୁ ନେଇ ଏମାନେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରିଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ସହ ପ୍ରାୟ ୪ ଘଣ୍ଟାର ବୈଠକରେ ସଚିବମାନେ ଏ ବିଷୟରେ ଖୋଲାଖୋଲି ଆଲୋଚନା କରିଛନ୍ତି । ସେମାନଙ୍କ କହିବାନୁସାରେ, ଲୋକଙ୍କୁ ଲୋଭ ଦେଖାଇ କିଛି ରାଜ୍ୟ ସରକାର କରୁଥିବା ଘୋଷଣା ଏବଂ ଯୋଜନାଗୁଡ଼ିକୁ ଲମ୍ବା ସମୟ ଧରି ଲୁଚାଯାଇ ପାରିବ ନାହିଁ । ଏଗୁଡ଼ିକ ଅଧିକ ଦିନ ଚାଲୁ ରହିଲେ ଅସହ୍ୟ ପରିସ୍ଥିତି ଉପୁଯିବ । ଯଦି ଏହା ଉପରେ ରୋକ୍ ନ ଲଗା ଯାଏ ତେବେ ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ହୋଇଯିବ । ଏଭଳି ଲୋଭନୀୟ ଘୋଷଣା ଏବଂ ରାଜ୍ୟଗୁଡ଼ିକର ରାଜକୋଷୀୟ ସ୍ଥିତି ମଧରେ ସନ୍ତୁଳନ ରକ୍ଷା କରିବାର ଆବଶ୍ୟକତା ରହିଛି । ଯଦି ଏହା ନ ହୁଏ ତେବେ ଏହି ରାଜ୍ୟଗୁଡ଼ିକର ସ୍ଥିତି ଶ୍ରୀଲଙ୍କା ଏବଂ ଗ୍ରୀସ ଭଳି ହୋଇଯିବ ।

ଏହି ସଚିବମାନଙ୍କ ମଧରୁ କେତେ ଜଣ କେନ୍ଦ୍ରକୁ ଆସିବା ପୂର୍ବରୁ ବିଭିନ୍ନ ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ପଦରେ ରହି କାର୍ଯ୍ୟ କରିଛନ୍ତି । ସେମାନଙ୍କ କହିବାନୁସାରେ, କେତେକ ରାଜ୍ୟର ଆର୍ଥିକ ସ୍ଥିତି ଭଲ ନାହିଁ ଏବଂ ଯଦି ସେମାନେ ଭାରତୀୟ ସଂଘର ଅଂଶ ହୋଇ ନ ଥାନ୍ତେ ତା'ହେଲେ ବର୍ତ୍ତମାନ ସୁଦ୍ଧା କାଙ୍ଗାଳ ହୋଇ ଯାଇ ସାରିଥାନ୍ତେ ।

ଅଧିକାରୀମାନଙ୍କ କହିବାନୁସାରେ, ପଞ୍ଜାବ, ଦିଲ୍ଲୀ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟର ସରକାରମାନେ ଲୋକଙ୍କ ପାଇଁ ଯେଉଁସବୁ ଲୋଭନୀୟ ଘୋଷଣା ନ କରିଛନ୍ତି, ସେଗୁଡ଼ିକୁ ଲମ୍ବା ସମୟ ପର୍ଯ୍ୟନ୍ତ ଚଲାଇବା ମୁସ୍କିଲ । ଏହାର ସମାଧାନ ବାହାର କରିବା ଉଚିତ ।

କେତେକ ରାଜ୍ୟରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକର ସରକାର ଲୋକଙ୍କୁ ମାଗଣାରେ ବିଦ୍ୟୁତ୍ ସେବା ଦେଉଛନ୍ତି । ଏହା ଦ୍ୱାରା ସରକାରୀ ରାଜକୋଷ ଉପରେ ବୋଝ ପଡୁଛି । ଏହା ସକାଶେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଭଳି ପ୍ରମୁଖ ସାମାଜିକ କ୍ଷେତ୍ରଗୁଡ଼ିକ ପାଇଁ ପାଣ୍ଠିର ଅଭାବ ଦେଖାଦେଉଛି । ବିଜେପି ଇତି ମଧରେ ହୋଇଥିବା ବିଧାନସଭା ନିର୍ବାଚନରେ ଉତ୍ତର ପ୍ରଦେଶ ଏବଂ ଗୋଆରେ ମାଗଣା ଏଲ୍‌ପିଜି ସଂଯୋଗ ସହ ଆହୁରି କେତେକ ଲୋଭନୀୟ ସ୍କିମ୍ ଘୋଷଣା କରିଛି । ସେହିଭଳି ଛତିଶଗଡ଼ ଏବଂ ରାଜସ୍ଥାନ ଭଳି ରାଜ୍ୟରେ ପୁରୁଣା ପେନ୍‌ସନ ସ୍କିମ୍‌କୁ ସ୍ଥାନାନ୍ତର ହେବାକୁ ଘୋଷଣା କରାଯାଇଛି । କେନ୍ଦ୍ର ସରକାରଙ୍କ ଅଧିକାରୀମାନେ ଏହା ଉପରେ ବି ଚିନ୍ତାବ୍ୟକ୍ତ କରିଛନ୍ତି । ଯଦିଓ ବୈଠକରେ ଏହାକୁ ନେଇ ଆଲୋଚନା ହୋଇନାହିଁ ଅଧିକାରୀମାନେ କହିଛନ୍ତି ଯେ, ନିର୍ବାଚନରେ ରାଜନୈତିକ ଦଳଗୁଡ଼ିକ ମଧରେ ମାଗଣା ସେବା ବଣ୍ଟନକୁ ନେଇ ଯେଉଁଭଳି ଭାବେ ପ୍ରତିଯୋଗିତା ଚାଲିଛି ତାହା ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଆର୍ଥିକ ସ୍ଥିତି ପାଇଁ ଆଦୌ ଠିକ୍ ନୁହେଁ । ରାଜ୍ୟଗୁଡ଼ିକୁ କେନ୍ଦ୍ରୀୟ କର ଏବଂ ଜିଏସ୍‌ଟିରୁ ଭାଗ ମିଳିଥାଏ କିନ୍ତୁ ସେମାନଙ୍କ ନିକଟରେ ରାଜସ୍ୱର ସୀମିତ ଭଣ୍ଡାର ଅଛି । ସେମାନଙ୍କ ନିଜସ୍ୱ ଆୟ ମଦରୁ ଉତ୍ପାଦ ଶୁଳ୍କ ଏବଂ ପେଟ୍ରୋଲ ଭାଟ୍ ମଧରେ ସୀମିତ ଏହାସହିତ ସମ୍ପତ୍ତି ଏବଂ ଗାଡ଼ି ପଞ୍ଜୀକରଣରୁ ବି ରାଜ୍ୟଗୁଡ଼ିକ ଆୟ କରିଥାନ୍ତି । ଏହି ଆୟକୁ ସେମାନେ ଉକ୍ତ ମାଗଣା ସ୍କିମ୍‌ରେ ବିନିଯୋଗ କରିଥାନ୍ତି । ଏହା ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତିକୁ ଅତ୍ୟନ୍ତ ଉତ୍କଟ କରିଦେବ ବୋଲି ସଚିବମାନେ ଚେତାବନି ଦେଇଛନ୍ତି । ସୂଚନାଯୋଗ୍ୟ, ପଡ଼ୋଶୀ ଦେଶ ଶ୍ରୀଲଙ୍କା ସ୍ୱାଧୀନତା ପରେ ସବୁଠାରୁ ଖରାପ ଆର୍ଥିକ ପରିସ୍ଥିତି ଦେଇ ଗତି କରୁଛି । ଦେଶରେ ପେଟ୍ରୋଲ-ଡିଜେଲ ସମାପ୍ତ ହୋଇଯାଇଛି । ୧୩– ୧୩ ଘଣ୍ଟା ବିଦ୍ୟୁତ୍ କାଟ ହେଉଛି । ହସ୍ପିଟାଲରେ କାର୍ଯ୍ୟ ଲମ୍ବା ସମୟ ଅଟକିଯାଉଛି । ଦେଶ ଉପରେ ବଡ଼ ଧରଣର ଋଣ ବୋଝ । ଲୋକଙ୍କୁ ଖାଦ୍ୟ ମିଳୁନାହିଁ । ମିଳୁଛି ତ ଚଢ଼ା ଦରରେ । ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଖାଲି ହୋଇ ଗଲାଣି ।

# ସମସ୍ତଙ୍କ ସହିତ ଆତ୍ମୀୟତା

## ମହାତ୍ମା ଗାନ୍ଧୀ



**କେ**ବଳ ବାନର ସହିତ ନୁହେଁ, ଘୋଡ଼ା, ମେଣ୍ଢା, ସିଂହ ଓ ଚିତାବାଘ ତଥା ସାପ ଓ କଙ୍କଡ଼ାବିଛା ସହିତ ମଧ ଆପଣାର ଜ୍ଞାତିତ୍ୱକୁ ସ୍ୱୀକାର କରିବାଲାଗି ମୋ'ର ଜୀବନନୀତି ମୋତେ ଯେ କେବଳ ଅନୁମତି ଦେଉଛି ତା'ନୁହେଁ, ମାତ୍ର ସେପରି କରିବା ନିମନ୍ତେ ମୋତେ ବାଧ କରୁଛି । ଏହିସବୁ ଜ୍ଞାତିଜୀବମାନେ ମଧ ଯେ ଠିକ୍ ସେହିପରି ଅନୁଭବ କରିବେ, ଏଥିଲାଗି ତା'ର କୌଣସି ପ୍ରୟୋଜନ ନାହିଁ ।

ଯେଉଁ କଠୋର ନୀତିଗୁଡ଼ିକ ମୋ' ଜୀବନର ଶାସନ କରୁଛନ୍ତି ଏବଂ ଯାହା ପ୍ରତ୍ୟେକ ପୁରୁଷ ତଥା ନାରୀର ଜୀବନକୁ ମଧ ଶାସନ କରୁ ବୋଲି ମୁଁ ମତ ପୋଷଣ କରୁଛି, ତାହା ଆମ ଉପରେ ଏହି ଏକତରଫା କର୍ତ୍ତବ୍ୟଟିକୁ ଆଣି ଲଦି ଦେଇଛି ଏବଂ, ଏଇଟି ଏହିପରି ଭାବରେ ଲଦା ହୋଇଛି, କାରଣ କେବଳ ମନୁଷ୍ୟକୁ ହିଁ ଈଶ୍ୱରଙ୍କର ପ୍ରତିରୂପଟି ଅନୁସାରେ ସୃଷ୍ଟି କରାଯାଇଛି । ଆମ ଭିତରୁ କେତେଜଣ ଯେ ଆମରି ସେହି ସ୍ଥାନ ପ୍ରାପ୍ତିଟିକୁ ସ୍ୱୀକାର କରୁନାହାନ୍ତି, ତଦ୍ୱାରା ସେଥିରେ ଆଦୌ କୌଣସି ଫରକ ହେଉନାହିଁ । କେବଳ ଏହି ଗୋଟିଏ ଫରକ ହେଉଛି ଯେ, ଆମେ ନିଜଲାଗି ସେହିପରି ଏକ ଆସନପ୍ରାପ୍ତିର ଲାଭଟିକୁ ହାସଲ କରି ପାରୁନାହୁଁ । ଯେପରି ମେଣ୍ଢାମାନଙ୍କ ପଲ ଭିତରେ ପ୍ରତିପାଳିତ ହୋଇଥିବା ଗୋଟିଏ ସିଂହ ହୁଏତ ନିଜର ପ୍ରକୃତ ସ୍ଥିତିଟିକୁ ଜାଣିପାରେ ନାହିଁ ଏବଂ ତେଣୁ ସେହି ସ୍ଥିତିର ଲାଭଗୁଡ଼ିକୁ ମଧ ପାଇପାରେ ନାହିଁ, ଏକଥା ହେଉଛି ଠିକ୍ ସେହିପରି । ତଥାପି, ସେହି ସ୍ଥିତିଟି ତାହାରି ହୋଇ ରହିଥାଏ ଏବଂ ସେ ଯେଉଁ ମୁହୂର୍ତ୍ତରେ ସେହି କଥାଟିକୁ ଉପଲବ୍ଧି କରେ, ଯିଏ ସେହି ମୁହୂର୍ତ୍ତରେ ହିଁ ମେଣ୍ଢାମାନଙ୍କ ଉପରେ ଆପଣାର ଆଧିପତ୍ୟକୁ କାର୍ଯ୍ୟକାରୀ କରାଏ । ମାତ୍ର, ଆପଣାକୁ ସିଂହ ବୋଲି ଛଳନା କରୁଥିବା କୌଣସି ମେଣ୍ଢା କଦାପି ସିଂହତ୍ୱର ମର୍ଯ୍ୟାଦାଟିକୁ ଲାଭ କରିପାରେ ନାହିଁ ।

ମଣିଷକୁ ଯେ ଈଶ୍ୱରଙ୍କର ପ୍ରତିରୂପ ଅନୁସାରେ ତିଆରି କରାଯାଇଛି, ସେହି କଥାଟିକୁ ପ୍ରମାଣ କରିବା ସକାଶେ ପ୍ରତ୍ୟେକ ମନୁଷ୍ୟବ୍ୟକ୍ତି ସ୍ୱଜୀବନରେ ସେହି ପ୍ରତିରୂପଟିକୁ ସ୍ପଷ୍ଟଭାବରେ ପ୍ରଦର୍ଶିତ କରି ପାରୁଛନ୍ତି ବୋଲି ଦର୍ଶାଇବାର ସୁନିଶ୍ଚିତ ଭାବରେ ଆଦୌ କୌଣସି ଆବଶ୍ୟକତା ନାହିଁ । ଅନ୍ତତଃ, ଜଣେ ମନୁଷ୍ୟ ଏକଥା କରିପାରିଛି, ଏତିକି ଦେଖାଇ ଦେଇ ପାରିଲେ ତାହା ଅବଶ୍ୟ ଯଥେଷ୍ଟ ହେବ । ଏ କଥାଟିକୁ କ'ଣ ଅସ୍ୱୀକାର କରାଯାଇ ପାରିବ ଯେ, ମନୁଷ୍ୟଜାତିର ମହାନ୍ ଧର୍ମଗୁରୁମାନେ ସେମାନଙ୍କର ନିଜ ଜୀବନରେ ଈଶ୍ୱରଙ୍କର ପ୍ରତିରୂପକୁ ପ୍ରକୃତରେ ପ୍ରଦର୍ଶନ କରି ପାରିଛନ୍ତି ।

ମୁଁ ଅହିଂସା ଦ୍ୱାରା ଅନୁସିକ୍ତ ହୋଇ ରହିଛି ବୋଲି ବିଶ୍ୱାସ କରୁଛି । ଅହିଂସା ଓ ସତ୍ୟ, ଏମାନେ ମୋ'ର ଦୁଇଟିଯାକ ଫୁସ୍‌ଫୁସ୍ । ସେମାନଙ୍କ ବ୍ୟତୀତ ମୁଁ କଦାପି ବଞ୍ଚି ପାରନ୍ତିନାହିଁ । ମାତ୍ର, ପ୍ରତ୍ୟେକ ମୁହୂର୍ତ୍ତରେ ଅଧିରୁ ଅଧିକ ସ୍ପଷ୍ଟତା ସହିତ ମୁଁ ଅହିଂସାର ବିପୁଳ ଶକ୍ତି ତଥା ତା' ଆଗରେ ମନୁଷ୍ୟର ଅକିଞ୍ଚନତାକୁ ପ୍ରତ୍ୟକ୍ଷ କରି ପାରୁଛି ।

ନିଜ ଭିତରେ ଅମାପ କରୁଣା ରହିଥିଲେ ମଧ ଜଣେ ଅରଣ୍ୟବାସୀ କଦାପି ସଂପୂର୍ଣ୍ଣଭାବରେ ହିଂସାରୁ ମୁକ୍ତ ହୋଇ ରହି ପାରିବନାହିଁ । ଥରେ ନିଃଶ୍ୱାସ ଗ୍ରହଣ କରିବା ସଂଗେ ସଂଗେ ମଧ ସେ କେତେ ପରିମାଣରେ ହିଂସା କରି ପକାଉଛି । ଏହି ଶରୀର ସ୍ୱୟଂ କେତେ ହତ୍ୟାର ଏକ ଘର ପରି ହୋଇ ରହିଛି ଏବଂ ତେଣୁ, ମୋକ୍ଷ ବା ଚିରନ୍ତନ ଆନନ୍ଦ କହିଲେ ସେହି ଶରୀର ମଧରୁ ସମ୍ପୂର୍ଣ୍ଣଭାବରେ ମୁକ୍ତ ହୋଇ ଯିବାକୁ ହିଁ ବୁଝାଉଛି । ଏବଂ ସେହି କାରଣରୁ ହିଁ, ମୋକ୍ଷର ଆନନ୍ଦ ବ୍ୟତୀତ ଆଉ ସବୁପ୍ରକାରର ସୁଖ ହେଉଛି କେବଳ ସାମୟିକ, କେବଳ ଅପୂର୍ଣ୍ଣ ଓ ସ୍ଥିତି ସେହିପରି ହୋଇଥିବାରୁ, ଆମକୁ ଦୈନନ୍ଦିନ ଜୀବନରେ ହିଂସାର କେତେ କେତେ କଟୁ କଷାୟକୁ ପାନ କରିବାକୁ ପଡୁଛି ।

ଜଡ଼ସ୍ଥ ସମସ୍ତ ଜୀବନ କୌଣସି ନା କୌଣସି ହିଂସା ଦ୍ୱାରା ହିଁ ତିଷ୍ଠି ରହିଛି । ତେଣୁ, ଅହିଂସା ପରି ଗୋଟିଏ ଅଭାବାତ୍ମକ ଶବ୍ଦ ସାହାଯ୍ୟରେ ଆମଲାଗି ଉଚ୍ଚତମ ଧର୍ମର ସଂଜ୍ଞା କରି ଦିଆଯାଇଛି । ଧ୍ୱଂସ ଓ ବିନାଶର ଏକ ଅବିଚ୍ଛିନ୍ନତା ମଧରେ ପୃଥିବୀ ବନ୍ଧାହୋଇ ରହିଛି । ଅନ୍ୟ ଭାଷାରେ କହିଲେ, ଶରୀରସ୍ଥ ଜୀବନ ନିମନ୍ତେ ହିଂସାର ଏକ ଅନ୍ତର୍ଗତ ଆବଶ୍ୟକତା ରହିଛି । ସେହି କାରଣରୁ ହିଁ ଅହିଂସାର ଜଣେ ଉପାସକ ଏହି ଜଡ଼ ଶରୀର ମଧରୁ ଅନ୍ତିମ ମୁକ୍ତି ଲାଭ କରିବ ବୋଲି ନିରନ୍ତର ପ୍ରାର୍ଥନା କରୁଥାଏ ।

ମୁଁ ଦୁଃଖର ସହିତ ଏହି କଥାଟିକୁ ଜାଣିଛି ଯେ, ଶରୀର ମଧରେ ଜୀବନକୁ ଅବାରିତ କରି ରଖିବାଲାଗି ମୋ'ର ବାସନା ମୋତେ ସତେ ଅହିଂସା ମଧରେ ସଂଶ୍ଳିଷ୍ଟ କରି ପକାଉଛି । ତେଣୁ, ମୁଁ ମୋ'ର ଏହି ଜଡ଼ସ୍ଥ ଶରୀର ପ୍ରତି କ୍ରମେ ଅଧିକରୁ ଅଧିକ ଉଦାସୀନ ହେଉଛି । ଉଦାହରଣ ସ୍ୱରୂପ ମୁଁ ଜାଣିଛି ଯେ, ନିଃଶ୍ୱାସ ଗ୍ରହଣର ପ୍ରକ୍ରିୟା ଦ୍ୱାରା ମୁଁ ବାୟୁରେ ଉଡ଼ି ବୁଲୁଥିବା ଅଗଣିତ ଅଦୃଶ୍ୟ ଜୀବାଣୁଙ୍କୁ ସଂହାର କରୁଛି । ମାତ୍ର, ସେଥିଲାଗି କଦାପି ନିଃଶ୍ୱାସ ଗ୍ରହଣ କରିବା ବନ୍ଦ କରୁନାହିଁ । ପନିପରିବା ଭୋଜନ କରିବା ଦ୍ୱାରା ମଧ ହିଂସା ହେଉଛି, ମାତ୍ର ମୁଁ ଜାଣିପାରୁଛି ଯେ, ମୁଁ ସେଗୁଡ଼ିକୁ ପରିହାର କରି ପାରିବି ନାହିଁ ।

ପୁନଶ୍ଚ, ରୋଗାଣୁନାଶକ ଔଷଧର ବ୍ୟବହାରରେ ହିଂସା ରହିଛି ; ତଥାପି, ନିଜକୁ ମଶାଙ୍କର ଓ ସେହିପରି ଅନ୍ୟ ଜୀବଙ୍କର ଦାଉରୁ ରକ୍ଷା କରିବାଲାଗି ମୁଁ କିରୋସିନି ପ୍ରଭୃତି ବିଶୋଧକଗୁଡ଼ିକୁ ବ୍ୟବହାର କରୁଛି ଓ ତାହାକୁ ଛାଡ଼ିଦେଇପାରୁ ନାହିଁ । ସାପମାନଙ୍କୁ ଧରି ସେମାନଙ୍କୁ ବିପଦାଶଙ୍କାର ବାହାରେ ଛାଡ଼ି ଆସିବା ସମ୍ଭବ ନହେଲେ ଆଶ୍ରମରେ ସାପ ମରାହେଉଛି ଏବଂ ମୁଁ ତାହାକୁ ଅନୁମତି ମଧ ଦେଉଛି । ଆଶ୍ରମରେ ବଳଦମାନଙ୍କୁ ଅଡ଼ାଇବା ଲାଗି ମୁଁ ବାଡ଼ିର ବ୍ୟବହାର କରିବାକୁ ବି ସହି ଯାଉଛି ।

ତେଣୁ, ମୁଁ ପ୍ରତ୍ୟକ୍ଷ ଅଥବା ପରୋକ୍ଷଭାବରେ କରୁଥିବା ଏହିସବୁ ହିଂସାର କୌଣସି ଅନ୍ତ ନାହିଁ । ଯଦି, ମୋ'ର ଏହିସବୁ ବିନୟପୂର୍ଣ୍ଣ ସ୍ୱୀକାରୋକ୍ତି ଫଳରେ, ବନ୍ଧୁମାନେ ମୋତେ ଜଣେ ସମ୍ପୂର୍ଣ୍ଣ ପରାଭୂତ ବ୍ୟକ୍ତି ବୋଲି ଧରି ନିଅନ୍ତି, ତେବେ ମୁଁ ସେଥପାଇଁ ଅବଶ୍ୟ ଦୁଃଖୀ ହେବି ସତ, ମାତ୍ର, ଅହିଂସାର ପ୍ରୟୋଗରେ ମୋ'ର ଅପୂର୍ବତାଗୁଡ଼ିକୁ ଲୁଚାଇ ରଖିବା ପାଇଁ ଚେଷ୍ଟା କରିବାକୁ ମୋତେ କୌଣସି ସ୍ଥିତି କଦାପି ସମ୍ମତ କରାଇ ପାରିବ ନାହିଁ । ନିଜ ବିଷୟରେ ମୁଁ କେବଳ ଏତିକି ଦାବି କରିବି ଯେ, ଅହିଂସା ଭଳି ବୃହତ ଆଦର୍ଶଗୁଡ଼ିକର ନିହିତାର୍ଥଗୁଡ଼ିକୁ ବୁଝିବାଲାଗି ମୁଁ ସର୍ବଦା ପ୍ରୟାସ କରୁଛି, ସେଗୁଡ଼ିକୁ ଭାବନା, କଥା ଓ କାର୍ଯ୍ୟରେ ପ୍ରୟୋଗ କରିବାକୁ ଚେଷ୍ଟା କରୁଛି ଏବଂ ମୋ ବିଚାରରେ ଏହି କ୍ଷେତ୍ରରେ ମୋତେ ଏକ ନିର୍ଦ୍ଦିଷ୍ଟ ସଫଳତା ମଧ ମିଳିପାରିଛି । ମାତ୍ର, ସେହି ଦିଗରେ ତଥାପି ଯେ ଏକ ଦୀର୍ଘ ପଥ ଅତିକ୍ରମ କରିବାକୁ ବାକୀ ରହିଛି, ମୁଁ ସେକଥା ମଧ ଜାଣିଛି ?

## ସ୍ୱାସ୍ଥ୍ୟୋପକାରୀ କଖାରୁ ଫୁଲ

କଖାରୁ ଫୁଲରେ ପ୍ରସ୍ତୁତ ଖାଦ୍ୟ ଖାଇଲେ ତାହା ଥଣ୍ଡା, କାଶ, କଫ ଆଦି କମାଇବାରେ ସାହାଯ୍ୟ କରିଥାଏ । ଏହାକୁ ନିୟମିତ ଖାଇବା ଦ୍ୱାରା ଶରୀରରେ ଅଭାବ ହେଉଥିବା ଭିଟାମିନ-ସି'ର ମାତ୍ରା ମଧ ପୂରଣ ହୋଇଥାଏ । ଏହା ଆମ ଶରୀରରେ ଲୌହ ଓ ଖଣିଜ



ଲବଣ ପରିମାଣକୁ ସନ୍ତୁଳିତ ରଖେ, ଯାହା ଶରୀରକୁ ଶକ୍ତ ରଖିଥାଏ । କଖାରୁ ଫୁଲରେ ଥିବା ଭିଟାମିନ୍ ଏ ଦୃଷ୍ଟିଶକ୍ତି ବଢ଼ାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଏହା ଅନ୍ଧାରକଣା ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ । ନିୟମିତ କଖାରୁ ଫୁଲରେ ପ୍ରସ୍ତୁତ ଖାଦ୍ୟ ଖାଇଲେ ତାହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ । ଏହା ଶରୀରରେ ଶୁଦ୍ଧ ଅମ୍ଳଜାନ ମଧ ତିଆରି କରିଥାଏ । କଖାରୁ ଫୁଲରେ କ୍ୟାଲସିୟମ୍ ପ୍ରଚୁର ପରିମାଣରେ ରହିଛି । ଏହା ଅସ୍ଥି ଓ ଦାନ୍ତକୁ ମଜଭୁତ ରଖିବାରେ ସାହାଯ୍ୟ କରେ । ଆଣ୍ଠୁ ଗଣ୍ଠି ବାତ ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ ।

## ସ୍ୱାସ୍ଥ୍ୟପ୍ରଦ ଅଙ୍ଗୁର

ଅଙ୍ଗୁର ଖାଇବା ଅନେକଙ୍କର ପ୍ରିୟ । ବିଶେଷକରି ଖରାଦିନେ ଏହାକୁ ଖାଇଲେ ଆମ ଶରୀରକୁ ଅନେକ ଉପକାର ମିଳିଥାଏ । କାରଣ ଏଥିରେ ଭରିଥାଏ କାର୍ବୋହାଇଡ୍ରେଟ୍, ଡାଇଟାରି ଫାଇବର୍, ପ୍ରୋଟିନ୍, ଭିଟାମିନ୍ ଏ, ଭିଟାମିନ୍ ବି କମ୍ପ୍ଲେକ୍ସ, ଭିଟାମିନ୍ ସି, ଭିଟାମିନ୍



କେ, କାଲସିୟମ୍, ଆଇରନ୍, ମାଗନେସିୟମ୍, ପୋଟାସିୟମ୍, ସୋଡିୟମ୍ ଭଳି ଅନେକ ଉପକାରୀ ପୋଷକ ତତ୍ତ୍ୱ । ଅଙ୍ଗୁର ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ ବୋଲି ଅନେକ ମତ ଦେଇଥାନ୍ତି । ଏପରିକି ଏଥିରେ ଭିଟାମିନ୍ ଏ ରହୁଥିବାରୁ, ଏହାକୁ ଖାଇଲେ ଆଖି ସୁସ୍ଥ ରହିଥାଏ ବୋଲି ବିଶ୍ୱାସ କରାଯାଏ । ସେହିପରି ଅଙ୍ଗୁର ଖାଇବା ଦ୍ୱାରା ଶରୀରରେ ସୁଗାର ଲେଭଲ୍ ବି ନିୟନ୍ତ୍ରଣରେ ରହିଥାଏ । ତା'ଛଡ଼ା ଅନେକଙ୍କର ଖରାଦିନେ ଆଲର୍ଜି ହୋଇ ତ୍ୱଚା କୁଣ୍ଡାଇ ହୋଇଥାଏ । ଏଭଳି କ୍ଷେତ୍ରରେ ଅଙ୍ଗୁର ଖାଇଲେ ଅନେକ ସୁଫଳ ମିଳିଥାଏ । କାରଣ ଅଙ୍ଗୁରରେ ଆଣ୍ଟିଭାଇରାଲ୍ ଗୁଣ ରହୁଥିବାରୁ ତ୍ୱଚା ସମ୍ବନ୍ଧୀୟ ଆଲର୍ଜିକୁ ଦୂର କରିବାରେ ଏହା ସାହାଯ୍ୟ କରିଥାଏ । ସେହିପରି କୁହାଯାଏ, ଅଙ୍ଗୁର ଖାଇଲେ କ୍ୟାନସର୍ ଭଳି ମାରାତ୍ମକ ରୋଗରୁ କେତେକାଂଶରେ ମୁକ୍ତି ମିଳିଥାଏ । ବିଶେଷକରି ବ୍ରେଷ୍ଟ କ୍ୟାନସରରୁ ରକ୍ଷା ପାଇବା ପାଇଁ ଅଙ୍ଗୁର ଖାଇବା ଫଳପ୍ରଦ ବୋଲି ବିଶେଷଜ୍ଞ ମାନେ ମତ ଦେଇଥାନ୍ତି ।

## ଓଜନ ନିୟନ୍ତ୍ରଣ ପାଇଁ ଜରୁରୀ ପାଣି

ଓଜନ ବୃଦ୍ଧି ବ୍ୟକ୍ତିତ୍ୱ ସାଙ୍ଗକୁ ସ୍ୱାସ୍ଥ୍ୟ ଉପରେ ବି ଖରାପ ପ୍ରଭାବ ପକାଇଥାଏ । ଏମିତିରେ ତ ଓଜନ ହ୍ରାସ ପାଇଁ ଲୋକେ ବ୍ୟାୟାମ, ପ୍ରାଣାୟାମ, ଜିମ୍‌ଠୁ ନେଇ ଡାଏଟ୍ କଣ୍ଟ୍ରୋଲ ମଧ କରିଥାନ୍ତି । ଏହାସତ୍ତ୍ୱେ ସଠିକ୍ ଭାବେ ଓଜନ ହ୍ରାସ ହୋଇ ନ ଥାଏ । ଏପରି ସ୍ଥିତିରେ ପ୍ରଚୁର ପାଣି ପିଇବା ଦ୍ୱାରା ସହଜରେ ଓଜନ ହ୍ରାସ କରି ପାରିବେ ।

କାହିଁକି ଜରୁରୀ ପାଣି ?: ସୁସ୍ଥ ରହିବାକୁ ଦିନକୁ ଅତିକମ୍‌ରେ ୧୦-୧୨ ଗ୍ଲାସ ପାଣି ପିଇବା ଜରୁରୀ ହୋଇଥାଏ । କିନ୍ତୁ ଓଜନ ହ୍ରାସ କରିବାକୁ ପାଣି ପିଇବା ତା'ଠୁ ଅଧିକ ଜରୁରୀ । ପାଣିରେ କ୍ୟାଲୋରୀ ମାତ୍ରା ଆଦୌ ନ ଥାଏ, ଯଦ୍ୱାରା ଆପଣ ଅଧିକ କ୍ୟାଲୋରୀ ଗ୍ରହଣରୁ ବର୍ତ୍ତିପାରିବେ । ଏହାସହ ଅଧିକ ମାତ୍ରାରେ ପାଣି ପିଇଲେ କ୍ୟାଲୋରୀ ବର୍ଣ୍ଣ ହୋଇଥାଏ । ଭୋକ ନିୟନ୍ତ୍ରଣ ରହିଥାଏ ଏବଂ କୋଲେଷ୍ଟ୍ରୋରଲ ହ୍ରାସ ହୋଇଥାଏ ।

ନିଜକୁ ରଖନ୍ତୁ ହାଇଡ୍ରେଟେଡ୍: ପାଣି କ୍ୟାଲୋରୀ ବର୍ଣ୍ଣ କରିବା ସହ ଶରୀରକୁ ଡିଟକ୍ସ ମଧ କରିଥାଏ । ପ୍ରଚୁର ପାଣି ପିଇବା ଦ୍ୱାରା ଶରୀରରୁ ବିଷାକ୍ତ ଟକ୍ସିନ୍ ପରିସ୍ରା ରାସ୍ତା ଦେଇ ବାହାରିଯାଏ । ଏହାଦ୍ୱାରା ପାଚନ କ୍ରିୟା ଏବଂ ମାଂସପେଶୀ ସଠିକ୍ ଢଙ୍ଗରେ କାମ କରିଥାଏ । ଯଦିଓ ପ୍ରାରମ୍ଭିକ ପର୍ଯ୍ୟାୟରେ କିଛି ଲୋକଙ୍କ ପାଇଁ ଏହା କଷ୍ଟକର ହୋଇଥାଏ, ତଥାପି ଅଭ୍ୟାସ ଜାରି ରଖିଲେ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ ।



ପାଣିର ବିକଳ୍ପ: ଅଧିକ କ୍ୟାଲୋରୀ ଯୁକ୍ତ ସଫ୍ଟ କିମ୍ବା କୋଲ୍ଡ ଡ୍ରିଙ୍କସ୍ ପରିବର୍ତ୍ତେ ପାଣି ପିଇବା ଜରୁରୀ । କାରଣ ଏହାଦ୍ୱାରା ଓଜନ ବଢ଼ି ନ ଥାଏ । କୋଲ୍ଡ ଡ୍ରିଙ୍କସରେ ଶର୍କରା ଏବଂ ଅନ୍ୟ ହାନିକାରକ ପଦାର୍ଥ ଥାଏ ଯାହା ଓଜନ ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ଯଦି ପାଣି ପିଇବାକୁ ପସନ୍ଦ ନ ଥାଏ, ତେବେ ଏହାର ବିକଳ୍ପ ଭାବେ କ୍ୟାଲୋରୀ ଫ୍ରି ଫ୍ଲେଭର୍ଡ ୱାଟର ଟ୍ରାଏ କରିପାରିବେ । ଚାହିଁଲେ ଲେମ୍ବୁ ପାଣି, ଖଟା ଫଳ କିମ୍ବା ପୁଦିନା ମିଶାଇ ମଧ ପିଇ ପାରିବେ । ଏହା ବ୍ୟତୀତ ପଇଡ ପାଣି, ନଡିଆ ପାଣି, ଭେଜିଟେବଲ୍ ଜୁସ୍, ଡିଟକ୍ସ ଡ୍ରିଙ୍କ୍ ମଧ ଡାଏଟରେ ସାମିଲ କରି ପାରିବେ ।

ପାଣିର ଅଭାବ ପୁରା କରିବ ଆହାର: ଯଦି ଆପଣ ପର୍ଯ୍ୟାପ୍ତ ପାଣି ପିଇପାରୁ ନାହାନ୍ତି ତେବେ ଏହାର ଅଭାବକୁ ଆହାର ଜରିଆରେ ପୁରା କରି ପାରିବେ । ଡାଏଟରେ ଏଭଳି ଖାଦ୍ୟ ପଦାର୍ଥ ସାମିଲ କରନ୍ତୁ, ଯେଉଁଥିରେ ପାଣିର ମାତ୍ରା ଅଧିକ ରହିଥିବ । ସାଲାଡ୍‌ରେ ୯୫% ଜଳୀୟ ଅଂଶ ଥାଏ । ଏହାକୁ ପ୍ରଚୁର ମାତ୍ରାରେ ସେବନ କରିବା ଉଚିତ୍ । ଏହା ବ୍ୟତୀତ ପାଳଙ୍ଗ, ଲେମ୍ବୁ, ଚା' କଫି, ଟମାଟର, ଷ୍ଟ୍ରବେରୀ ଏବଂ ଅଙ୍ଗୁରରେ ମଧ ଭରପୁର ପାଣି ଥାଏ ।

ଶୋଇବା ପୂର୍ବରୁ ପାଣି ପିଅନ୍ତୁ: ଗବେଷଣା ଅନୁସାରେ, ପ୍ରତ୍ୟେକ ବ୍ୟକ୍ତି ଭୋଜନର ଅଧ ଘଣ୍ଟା ପୂର୍ବରୁ ଅତିକମରେ ୨ ଗ୍ଲାସ ପାଣି ପିଇବା ଉଚିତ୍ । ୩ ମାସ ପର୍ଯ୍ୟନ୍ତ ଏଭଳି କରିବା ଦ୍ୱାରା ୨ କିଲୋ ଓଜନ ହ୍ରାସ ହୋଇଥାଏ । ସେହିପରି ଭୋଜନର ଅଧଘଣ୍ଟା ପରେ ପାଣି ପିଇବା ହଜମ ଶକ୍ତି ବୃଦ୍ଧି ପାଇଥାଏ ।

## ବିଳମ୍ବରେ ଉଠିବାର ଅପକାରିତା

ପ୍ରତିଦିନ ଭୋର୍ ସମୟରେ ଉଠିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ହେଲେ, ଏପରି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ରାତିରେ ଡେରିରେ ଶୋଇଥାନ୍ତି ଓ ସକାଳୁ ବହୁତ ବିଳମ୍ବରେ ଉଠିଥାନ୍ତି । କେତେକଙ୍କର ଏହା ଏକ ଅଭ୍ୟାସରେ ପରିଣତ ହୋଇ ଯାଇଥାଏ । କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଯେଉଁମାନେ ପ୍ରତିଦିନ ସକାଳେ ଡେରିରେ ଉଠିଥାନ୍ତି, ସେମାନଙ୍କ ମସ୍ତିଷ୍କ ଓ ତା'ର କାର୍ଯ୍ୟଧାରା ଉପରେ ଏହା ନକାରାତ୍ମକ ପ୍ରଭାବ ପକାଇଥାଏ । ଏହି ଗବେଷଣା ପରିସରଭୁକ୍ତ କିଛି ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନେ ଏ ବିଷୟରେ ଜାଣି ପାରିଛନ୍ତି । ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ବିଳମ୍ବରେ ଉଠିବା ଏକ ଅଭ୍ୟାସରେ ପରିଣତ ହୋଇଗଲେ ଶରୀରରେ 'ଆମିଲଏଡ୍' ନାମକ ଏକ ପ୍ରୋଟିନ୍‌ର ମାତ୍ରା ଆମ ମସ୍ତିଷ୍କରେ ବୃଦ୍ଧିପାଏ, ଯାହା ଭବିଷ୍ୟତରେ ଆଲଜିମର୍ସର ନେଇପାରେ । ଏତଦ୍ ବ୍ୟତୀତ ମସ୍ତିଷ୍କ ଏବଂ ଏହା ସହ ସଂଶ୍ଳିଷ୍ଟ ହୋଇ ରହିଥିବା ସ୍ନାୟୁଗୁଡ଼ିକ ଶରୀର ପାଇଁ ଆବଶ୍ୟକ ମାତ୍ରାର କାର୍ଯ୍ୟ କରିବାର କ୍ଷମତା ବି ହରାଇ ବସନ୍ତି । ଏହା ସହ ସ୍ମରଣଶକ୍ତି ବି ଧୀରେ ଧୀରେ କମିଯିବାର ଯଥେଷ୍ଟ ଆଶଙ୍କା ରହିଛି । ତେଣୁ ଏପରି ଅଭ୍ୟାସକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରିବା ଦରକାର ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ।

## ତରଭୁଜର ଉପକାରିତା

ଖରାଦିନ ପାଇଁ ସବୁଠି ସ୍ୱାଦିଷ୍ଟ ଆଉ ସ୍ୱାସ୍ଥ୍ୟପଯୋଗୀ ଫଳ ହେଉଛି ତରଭୁଜ । କାରଣ ଏହାକୁ ଖାଇଲେ ଶୋଷ ମେଣ୍ଟିବା ସହ ପେଟର ଭୋକ ବି ନିମିଷକେ ଦୂରେଇଯାଏ । ଏଥିରେ ବହୁ ଜରୁରୀ ପୋଷକ ତତ୍ତ୍ୱ ଥିବାରୁ ଏହା ଅନେକ ରୋଗରୁ ମଧ ଆମ ଶରୀରକୁ ସୁରକ୍ଷା ଦେଇଥାଏ । କୁହାଯାଏ, ତରଭୁଜରେ ପୋଟାସିୟମ୍ ଓ ମାଗ୍ନେସିୟମ୍‌ର କିଛି ମାତ୍ରା ରହୁଥିବାରୁ, ଏହା ଶରୀରର ରକ୍ତଚାପକୁ ନିୟନ୍ତ୍ରଣ ରଖିବାରେ ସହାୟକ ହୋଇଥାଏ । ସେହିପରି ଏଥିରେ ଲାଇକୋପିନ୍ ନାମକ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଏହା ହୃଦ୍‌ଜନିତ ରୋଗରୁ ମଧ ଆମକୁ ସୁରକ୍ଷା ପ୍ରଦାନ କରିଥାଏ । ତା'ଛଡ଼ା ଏଥିରେ ଥିବା କାରୋଟେନୋଏଡ୍ ନାମକ ଏକ ଗୁଣକାରୀ ତତ୍ତ୍ୱ ଯୋଗୁଁ, ଏହାକୁ ସେବନ କଲେ ହାର୍ଟ ଆଟାକ୍ ଓ ବ୍ଲଡ୍ କ୍ଲଟ୍ ହେବାର ଆଶଙ୍କା ମଧ କମ୍ ଦେଖା ଯାଇଥାଏ । ଅନ୍ୟପକ୍ଷେ ତରଭୁଜରେ କୁଆଡ଼େ ପ୍ରଚୁର ପାଣି ରହିଥାଏ, ତେଣୁ ଖରାଦିନେ ଏହାକୁ ଖାଇଲେ ଶରୀରରେ ଜଳୀୟଅଂଶ ଠିକ୍‌ଠାକ୍ ରହିବା ସହ ପେଟ ଥଣ୍ଡା ରହିଥାଏ । ତା'ଛଡ଼ା ଏଥିରେ କ୍ୟାଲୋରୀର



ମାତ୍ରା କମ୍ ରହୁଥିବାରୁ, ଏହାକୁ ଡାଏଟ୍‌ରେ ସାମିଲ କରି ଶରୀରର ଓଜନକୁ ମଧ ସହଜରେ କମାଇ ହୁଏ । ସେହିପରି ଏଥିରେ ଭିଟାମିନ୍ ଏ ଓ ଭିଟାମିନ୍ ସି ରହୁଥିବାରୁ, ଏହାର ସେବନ ତ୍ୱଚା ଏବଂ କେଶ ପାଇଁ ବି ଖୁବ୍ ଉପକାରୀ ହୋଇଥାଏ । ଅନ୍ୟପକ୍ଷେ ଏଥିରେ କିଛିଟା ଫାଇବର୍‌ର ମାତ୍ରା ରହୁଥିବାରୁ ଏହା ପାଚନତନ୍ତ୍ରକୁ ମଧ ସକ୍ରିୟ ରଖିବାରେ ସାହାଯ୍ୟ କରିଥାଏ ।

## ଶୀରର ପାଇଁ ହିତକର ଅଦା

ମହିଳାମାନେ ସାଧାରଣତଃ ଘରୋଇ ଉପଚାରକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି । ଯଦି ଆପଣ ବି ଏପରି କରୁଥାନ୍ତି ତେବେ ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ ଭରି ରହିଥିବା ଅଦାକୁ ନେଇ କିପରି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିପାରିବେ ଜାଣିବା ଜରୁରୀ ।



ପ୍ରତିଦିନ ଖାଦ୍ୟ ତାଲିକାରେ ଅଦାକୁ ସାମିଲ କରିବା ଦ୍ୱାରା ' ଭାଇରାଲ ରୋଗର ଆଶଙ୍କା ହ୍ରାସ ପାଇଥାଏ । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ଆଣ୍ଟି ବ୍ୟାକ୍ଟେରିଆଲ୍ ତତ୍ତ୍ୱ ହାନିକାରକ ବ୍ୟାକ୍ଟେରିଆଠାରୁ ଶରୀରକୁ ସୁରକ୍ଷା ଦେଇଥାଏ । ପାଟିରେ ଘା' ବା ଛାଲ ହେବାଦ୍ୱାରା ଖାଇବାରେ ଅନେକଙ୍କୁ ଅସୁବିଧା ହୋଇଥାଏ । ହେଲେ ଯଦି ଆପଣ ଖଣ୍ଡେ ଅଦାକୁ ଚୋବାଇ ଚୋବାଇ ଖାଇବେ ତେବେ ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଆପଣଙ୍କୁ ଏହି ସମସ୍ୟାରୁ ଶୀଘ୍ର ଉପଶମ ଦେବ । କାଶ ହେଉଥିଲେ ଅଦା ରସରେ ମହୁ ମିଶାଇ ଖାଆନ୍ତୁ ଉପକୃତ ହେବେ । ଏହା ଥଣ୍ଡା ମଧ ଦୂର କରିଥାଏ । ଏଥିପାଇଁ ଆପଣ ଅଦା ଚା' ପିଇପାରିବେ । ଛୋଟ ଅଦା ଖଣ୍ଡ ସହ ଅଳ୍ପ ଲୁଣ ନେଇ ଚୋବାଇବା ଦ୍ୱାରା ପେଟ ସଫା ରହିବା ସହ ପ୍ରତିଦିନ ଏହିପରି କରିବା ଦ୍ୱାରା ମାତ୍ର ୭-୮ ଦିନ ମଧରେ ଭୋକ ମଧ ଲାଗିବା ଆରମ୍ଭ ହୋଇଥାଏ । ସେହିପରି ବଦହଜମି, ଆମ୍ବିଳା ହାକୁଟି, ଗ୍ୟାସ୍ ଆଦି ସମସ୍ୟା ଦୂରେଇବାରେ ଅଦା ବେଶ୍ ଉପକାରୀ । ଅଦା ରସରେ ଜୁଆଣି, ସୈନ୍ଧବ ଲବଣ, ଲେମ୍ବୁରସ ମିଶାଇ ପ୍ରତିଦିନ ୨ ଚାମଚ ଲେଖାଏଁ ସେବନ କରିବା ଦ୍ୱାରା ପାଚନ କ୍ରିୟା ଠିକ୍ ରହିବା ସହ ଏସବୁ ସମସ୍ୟାରୁ ଉପଶମ ମିଳିଥାଏ ।

# ସ୍ୱର୍ବେଦ

**ଗଗନ ମଣ୍ଡଳ ମେଁ ଶବ୍ଦ ହୈ,**
**ସାରଶବ୍ଦ ନିରଓ୍ୱାନ ।**
**ତହଁ ସେ ଅକ୍ଷର ଧାମ ହୈ, ନୀଚେ**
**ସୃଷ୍ଟି ଜହାନ ॥୧୮॥**

ଭାଷ୍ୟ - ଶୁଦ୍ଧ ତିନିପାଦ ଅମୃତ ଚେତନ ମହାମଣ୍ଡଳ ଅଟେ, ଯେଉଁଠାରେ ପରମ ଅକ୍ଷର, ସାରଶବ୍ଦଙ୍କର ପ୍ରାପ୍ତି ହୋଇଥାଏ । ତା' ପଛକୁ ଅକ୍ଷରଲୋକ ଅବସ୍ଥିତ, ଯେଉଁଠାରୁ ଏହି ବିଶାଳ ସୃଷ୍ଟିର ବିସ୍ତାର ଏବଂ ପ୍ରାରମ୍ଭ ହୋଇଥାଏ । ନିଃଶବ୍ଦ ପରମ ଅକ୍ଷରଙ୍କଠାରୁ ଅକ୍ଷର ଆଉ ଅକ୍ଷରଠାରୁ କ୍ଷର, ନାଶବାନ ଏବଂ ଅନିତ୍ୟ ଜଗତର ବିସ୍ତାର ହୋଇଥାଏ ।

**ସକଲ ସୃଷ୍ଟି ଓ୍ୱିସ୍ତାର କା, ସାର ଶବ୍ଦ**
**ହୈ ମୂଲ ।**
**ଜଡ଼ ଚେତନ ପରପଞ୍ଚ ସବ, ରହେ**
**ଶବ୍ଦ ମେଁ ଝୂଲ ॥୧୯॥**

ଭାଷ୍ୟ - ଏକପାଦ ଜଗତରେ ପ୍ରଥମେ ଅକ୍ଷର ପ୍ରକଟ ହୋଇଥାଏ ଆଉ ସେହି ଅକ୍ଷରଠାରୁ ସମସ୍ତ ଜଗତର ବିସ୍ତାର ହୁଏ । ସେଥିପାଇଁ ସେହି ଅକ୍ଷରକୁ ସବୁର ମୂଳ ବୋଲି କୁହାଯାଇଛି । ପରନ୍ତୁ ସେହି ମୂଳ ଅକ୍ଷରର ଆଧାର ପ୍ରକାଶକ ପରମ ପୁରୁଷ ସାରଶବ୍ଦ ହୋଇଥିବାରୁ ଏହି ଦୋହାରେ ସମସ୍ତ ଜଗତର ନିମିତ୍ତ କାରଣ ଜଗତ୍ ନିୟନ୍ତା ପରମ ପୁରୁଷଙ୍କୁ ହିଁ ମୂଳ କାରଣ କୁହାଯାଇଛି । ଜଡ଼-ଚେତନ ସମସ୍ତ ଚରାଚର ଜଗତ ସେହି ଶବ୍ଦର ଆଧାରରେ ହିଁ ନିଜର କାର୍ଯ୍ୟ ବ୍ୟବହାର କରିଥାନ୍ତି ଏବଂ ସମସ୍ତ ସୃଷ୍ଟିର ଆଧାର, ସ୍କମ୍ଭ, ପରମ ଅକ୍ଷର, ସାରଶବ୍ଦ ଅଟନ୍ତି ଆଉ ସେହି ସାରଶବ୍ଦ ସମସ୍ତଙ୍କର ଆଧାର- କାରଣ ମୂଳ ଅଟନ୍ତି ।

**ନିଃଅକ୍ଷର ସେ ଅକ୍ଷର, ଅକ୍ଷର ସେ**
**କ୍ଷରଧାର ।**
**ସକଲ ସୃଷ୍ଟି କ୍ଷର ଜାନିୟେ, ଲୀଲା**
**ଅପରମ୍ପାର ॥୨୦॥**

ଭାଷ୍ୟ - ନିଃଅକ୍ଷର ସାରଶବ୍ଦ ଠାରୁ ଅକ୍ଷର ଏବଂ ଅକ୍ଷର ଠାରୁ କ୍ଷର ଅନିତ୍ୟ ଜଗତର ବିସ୍ତାର ହୋଇଥାଏ । ଏହି ସମଗ୍ର ଜଗତର ରଚନା କ୍ଷର ତଥା ଅନିତ୍ୟ ଅଟେ ଏବଂ ଅନନ୍ତ ମହାପ୍ରଭୁଙ୍କର ଅପାର ମହିମାରୁ ସୃଷ୍ଟ । ଜଗତର ବିଶାଳ ରଚନାକୁ ଅବଲୋକନ କଲେ ସୃଷ୍ଟିକର୍ତ୍ତାଙ୍କର ଅପାର ମହିମାର କଳନା କରାଯାଇପାରେ । ଏହି ସୃଷ୍ଟିର ବିଶାଳ ରଚନା ପ୍ରଭୁଙ୍କର ଅପାର ମହିମାର ଗୁଣଗାନ କରୁଅଛି ଏବଂ ମହାପ୍ରଭୁଙ୍କର ଅପାର ସତ୍ତାର ପରିଚୟ ଦେଉଅଛି ।

**କ୍ଷର ଧାରଣ ଅକ୍ଷର କରେ, ଅକ୍ଷର**
**ଧାରଣ ଶବ୍ଦ ।**
**ଅଖିଲ ଚକ୍ର ବ୍ରହ୍ମାଣ୍ଡ କା, ଧାରଣ ଶବ୍ଦ**
**ନିଃଶବ୍ଦ ॥୨୧॥**

ଭାଷ୍ୟ - ସମସ୍ତ କ୍ଷର ତତ୍ତ୍ୱଗୁଡ଼ିକୁ ଅକ୍ଷର ଧାରଣ କରିଥାଏ, ଅର୍ଥାତ୍ ଅକ୍ଷରର ଆଧାରରେ ହିଁ ସମସ୍ତ ପ୍ରକୃତିର କ୍ଷର କାର୍ଯ୍ୟ ହୋଇଥାଏ । ସେହି ଅକ୍ଷରର ମଧ୍ୟ ଆଧାର, ଧାରଣକର୍ତ୍ତା ଏବଂ ସମସ୍ତ ଅଖିଳଚକ୍ର ବ୍ରହ୍ମାଣ୍ଡର ସଞ୍ଚାଳକ, ଧାରକ ପରମ ଅକ୍ଷର ସାରଶବ୍ଦ ଅଟନ୍ତି । ସମସ୍ତ ଚରାଚର ଜଗତ ଏବଂ ଅକ୍ଷରର ଆଧାର, ସ୍ୱାମୀ, ଜଗତ୍ ନିୟନ୍ତା, ପରମ ଅକ୍ଷର, ପରମ ପ୍ରଭୁ ଅଟନ୍ତି । ସେ ହିଁ ସର୍ବ ଆରାଧ୍ୟ ଏବଂ ସମସ୍ତ ଜଗତର ପ୍ରେରକ ଅଟନ୍ତି ।

**ମକର ତାର ହୈ ଅଧର ମେଁ, ପରମ**
**ପୁରୁଷ ନିରଧାର ।**
**ସକଲ ସୃଷ୍ଟି ଧାରଣ କରେ, ଆପ**
**ଆପ ଆଧାର ॥୨୨॥**

ଭାଷ୍ୟ - ମକର ତାର ମହାଶୂନ୍ୟ ଯାଏଁ ଲମ୍ବିଛି ଏବଂ ପରମ ପୁରୁଷ ସମସ୍ତ ସୃଷ୍ଟିକୁ ଧାରଣ କରି ସ୍ୱୟଂ ନିଜ ଆଧାରରେ ଅବଲମ୍ବିତ ହୋଇଛନ୍ତି । ପରମ ପୁରୁଷଙ୍କର ଅନ୍ୟ କୌଣସି ଆଧାର ନାହିଁ । ସେ ସମସ୍ତ ଜଗତର ଆଧାର ତଥା ନିଜେ ନିରାଧାର ସ୍ୱୟମ୍ଭୂ ହୋଇ ଜଗତକୁ ଧାରଣ ତଥା ପୋଷଣ କରୁଛନ୍ତି ।

**ଗଗନ ମଣ୍ଡଳ ମେଁ ପୁରୁଷ ହୈ,**
**ମକର ତାର କେ ପାର ।**
**ମହାରଥୀ ୟୋଧା ସବଲ, ପହୁଁଚେ**
**ପ୍ରଭୁ ଦରବାର ॥୨୩॥**

ଭାଷ୍ୟ - ମକର ତାରର ଚାରି ଚେତନ ମହାମଣ୍ଡଳରେ ପୁରୁଷ ବିଦ୍ୟମାନ । ସେହି ସ୍ଥାନରେ ପ୍ରକୃତି ସହିତ ସଂଗ୍ରାମକୁ ଜୟ କରୁଥିବା ପରାକ୍ରମୀ ଯୋଦ୍ଧା ପୂର୍ଣ୍ଣ ବିଜୟୀ ମହାରଥୀ ନିଜ ପ୍ରବଳ ପୁରୁଷାର୍ଥ ବଳରେ ପହଞ୍ଚିଯାଏ । ପ୍ରକୃତି-ସଂଗ୍ରାମକୁ ଜିଣି ନିଜ ଚେତନ ଲକ୍ଷ୍ୟକୁ ପ୍ରାପ୍ତ କରିବା ଦ୍ୱାରା ଅନୁଭବୀ ସନ୍ତଙ୍କୁ ମହାରଥୀ ସଂଜ୍ଞା ପ୍ରଦାନ କରାଯାଇଛି ।

**ସୁକ୍ଷମ ହୋକର ଆୟ ତୁମ, ସୁକ୍ଷମ**
**ହୋ ଚଲ ୟାର ।**
**ସୁଇ ନଖ କୁର କିମି ଚଲେ, ସମଝ**
**ପୁରାତନ ଧାର ॥୨୪॥**

ଭାଷ୍ୟ - ଏହି ଜୀବ ମୁକ୍ତିରୁ ଯେଉଁ ପ୍ରକାର ପତିତ ହୋଇ ଜଗତକୁ ଆସିଛି, ସେହି ପ୍ରକାର ସେହି ମାର୍ଗରେ ନିଜ ଶୁଦ୍ଧ ସ୍ୱରୂପରେ ପ୍ରକୃତିକୁ ଛାଡ଼ି ଚେତନ ଲୋକକୁ ପହଞ୍ଚିବ । ଯେମିତି ଛୁଞ୍ଚିର ରନ୍ଧ୍ରରେ ହସ୍ତୀ ପ୍ରବେଶ କରିପାରେ ନାହିଁ, ସେହି ପ୍ରକାର ଏହି ଆତ୍ମା ପ୍ରକୃତିର ସ୍ଥୂଳ ଜଡ଼ ମମତ୍ୱ ରୂପୀ ହସ୍ତୀକୁ ନେଇ ଛୁଞ୍ଚିର ରନ୍ଧ୍ର ଅର୍ଥାତ୍ ସୂକ୍ଷ୍ମ ଶବ୍ଦ ଦ୍ୱାରରେ କେମିତି ପ୍ରବେଶ କରିବ ? ସେଥିପାଇଁ ସେ ସୂକ୍ଷ୍ମ ହୋଇ ଯେଉଁ ମାର୍ଗ ଦେଇ ଜଗତକୁ ଆସିଛି, ନିଜର ସେହି ପ୍ରାଚୀନ ମାର୍ଗରେ ଚାଲି ନିଜ ମୁଖ୍ୟ ସ୍ଥାନରେ ପହଞ୍ଚିବ, ଯେଉଁଠାରେ ତା'ର ଚେତନ ନିବାସ ଅଛି । ଚେତନ ଆତ୍ମାର ଚେତନ କ୍ରିୟା, ଚେତନ ବ୍ୟବହାର ନିତ୍ୟ ହୋଇଥାଏ । ଜଡ଼ ପ୍ରକୃତି ତଥା ଚେତନ ଆତ୍ମାର ସମ୍ବନ୍ଧ ଅଜ୍ଞାନ କାଳରେ ହୋଇଥାଏ, ଯେଉଁ ସମ୍ବନ୍ଧ ବିଜାତୀୟ ତଥା ଅନିତ୍ୟ ଅଟେ । ଚେତନ ସହିତ ଚେତନର




ସମ୍ବନ୍ଧ ହିଁ ଦୃଢ଼ ଆଉ ସ୍ଥିର ହୋଇ ପାରେ । ଜଡ଼ ଏବଂ ଚେତନ ଉଭୟ ବିଜାତୀୟ ଗୁଣର ପଦାର୍ଥମାନଙ୍କରେ ସଜାତୀୟ ଅଥବା ଦୃଢ଼ ସମ୍ବନ୍ଧ ହୋଇ ନ ପାରେ । ସେଥିପାଇଁ ଚେତନ ଜୀବକୁ ଜଡ଼ ପ୍ରକୃତିର ସମ୍ବନ୍ଧ କାରଣରୁ ଅନେକ ଦୁଃଖ ଆଉ ପରିତାପ ସହିବାକୁ ପଡ଼ିଥାଏ । ଜୀବାତ୍ମାର ଶୁଦ୍ଧ ସ୍ୱରୂପ ଚେତନ ଏବଂ ନିତ୍ୟ ଅଟେ । ଜୀବ ଏବଂ ବ୍ରହ୍ମ ଉଭୟ କୂଟସ୍ଥ ଅଟନ୍ତି ଏବଂ ପ୍ରକୃତି ଜଡ଼ ହୋଇ ପ୍ରବାହ ରୂପରେ ନିତ୍ୟ ଅଟେ ଆଉ ଜୀବ-ବ୍ରହ୍ମ ଉଭୟ ଭିନ୍ନ ଭିନ୍ନ ସତ୍ତା ଅଟନ୍ତି ।

**ସଦ୍‌ଗୁରୁ ବନ୍ଦୀ ଛୋର କା, ଡୋର**
**ଅଙ୍ଗୁଲ ନିର୍ଦ୍ଦେଶ ।**
**ଗୁରୁ ଗମ ଧର ଧର କୋ ଚଲେ,**
**ପହୁଁଚେ ସଦ୍‌ଗୁରୁ ଦେଶ ॥୨୫॥**

ଭାଷ୍ୟ - ଏହି ଜୀବାତ୍ମା ସଦ୍‌ଗୁରୁଙ୍କର ବିହଙ୍ଗମ ମାର୍ଗର ଉପଦେଶ ସାଧନ ଦ୍ୱାରା ଚେତନ ରଜ୍ଜୁକୁ ଧାରଣ କରି ସଦ୍‌ଗୁରୁଙ୍କର ପ୍ରଦେଶକୁ ପ୍ରାପ୍ତ ହୋଇଥାଏ । ଅକ୍ଷର ଆଉ ନିଃଶବ୍ଦ ମଧ୍ୟରେ ସଦ୍‌ଗୁରୁଙ୍କର ନିବାସ ଅଛି ଯେଉଁଠାରୁ ଚେତନ ଆଲୋକର ଦର୍ଶନ ଆଉ ତାଙ୍କର ପ୍ରାପ୍ତି ହୋଇଥାଏ ।

**ତନ କମାନ ରୌଂଦା ସୁରତି,**
**ଅକ୍ଷର ବାନ ଲଗାଓ୍ୱ ।**
**ୟୋଗ ୟୁକ୍ତି ସେ ତାନିୟେ, ମର୍ମ**
**ନିଶାନେ ଘାଓ୍ୱ ॥୨୬॥**

ଭାଷ୍ୟ - ଶରୀର ରୂପୀ ଧନୁ ଆଉ ସୁରତି ରୂପୀ ଧନୁର୍ଗୁଣରେ ଅକ୍ଷର ରୂପୀ ବାଣ ଯୋଖି ସାଧନ ସହଜ ଯୁକ୍ତିର ବେଧନରୁ ରହସ୍ୟମୟ ସ୍ଥାନରେ ଆଘାତ ଲାଗିଥାଏ ଅର୍ଥାତ୍ ଲକ୍ଷ୍ୟଭେଦ ନିମନ୍ତେ ସୁରତିକୁ ସ୍ଥିର କରି ଅକ୍ଷର ପ୍ରକାଶରେ ଚେତନ ଲକ୍ଷ୍ୟକୁ ପ୍ରାପ୍ତ କରିବା ଉଚିତ ।

**ସହଜ ଶୂନ୍ୟ କେ ଓଟ ମେଁ, ଭେଦୀ**
**ମଣ୍ଡଳ ଜ୍ଞାନ ।**
**ଶବ୍ଦ ନିଶାନା ଲାଇୟେ, ଅନ୍ତର**
**ସୁମିରନ ଧ୍ୟାନ ॥୨୭॥**

ଭାଷ୍ୟ - ମହାଶୂନ୍ୟ ଅର୍ଥାତ୍ ମଧ୍ୟାକାଶର ପରଦାରେ ରହସ୍ୟଯୁକ୍ତ ମଣ୍ଡଳକୁ ଜ୍ଞାନ କରି ଶବ୍ଦର ଲକ୍ଷ୍ୟକୁ ଭେଦ କରିପାରିଲେ ଆତ୍ମା ଦ୍ୱାରା ଅନ୍ତର ମଧ୍ୟରେ ସ୍ମରଣ ଏବଂ ଧ୍ୟାନ ହୋଇଥାଏ । ଯେତେବେଳେ ତୀର ଏବଂ ଲକ୍ଷ୍ୟ ଏକ ହୋଇଥାନ୍ତି, ସେତେବେଳେ ଧ୍ୟାନ ହୋଇଥାଏ । ଯେତେବେଳେ ଧ୍ୟାତାର ଦୃଷ୍ଟି ଏକ ରୂପରେ ଧ୍ୟେୟରେ ଲାଗିଯାଏ, ସେତେବେଳେ ଧ୍ୟାନ ଆଉ ସ୍ମରଣର ସ୍ପଷ୍ଟ ସ୍ୱରୂପ ପ୍ରକଟିତ ହୁଏ । ଯେତେବେଳ ପର୍ଯ୍ୟନ୍ତ ଧ୍ୟାତାକୁ ଧ୍ୟାନର ଜ୍ଞାନ ଜଣାଥାଏ, ସେତେବେଳ ପର୍ଯ୍ୟନ୍ତ ଧ୍ୟେୟ ପ୍ରତ୍ୟକ୍ଷ ଦୃଶ୍ୟମାନ ହୁଏ । ତ୍ରିପୁଟୀର ଭାବକୁ ଧ୍ୟାନ କହନ୍ତି । ସ୍ମରଣରେ ଆରାଧ୍ୟ ଏବଂ ଉପାସକ ମଧ୍ୟରେ ଆବରଣ ରହିଥାଏ ଆଉ ଧ୍ୟାନରେ ସାକ୍ଷାତ୍‌କାର ସାଧନ ହୋଇଥାଏ ଏବଂ ସମାଧିରେ ତଦାକାର, ତନ୍ମୟ ସ୍ୱରୂପ ଧ୍ୟାତା ହୋଇଯାଏ । ଧ୍ୟାତାର ଧ୍ୟେୟ ସ୍ୱରୂପ ହୋଇଯିବା ସମାଧି ଅଟେ ଏବଂ ଧ୍ୟେୟକୁ ଦେଖିବା ଧ୍ୟାନ କୁହାଯାଏ । ଏହି ଦୋହାରେ ଗ୍ରନ୍ଥକାର ତୀର, ଧନୁ ଏବଂ ଧନୁର୍ଗୁଣର ଉଦାହରଣ ଦେଇ ଧ୍ୟାନର ସ୍ୱରୂପ ଏବଂ ଲକ୍ଷଣ ନିରୂପଣ କରିଛନ୍ତି । ଯେମିତି ଶିକାରୀ ବାଣ ଚାଳନା କରିବା ଦ୍ୱାରା ତୀରର ସ୍ୱରୂପ ହୋଇ ଲକ୍ଷ୍ୟଭେଦ କରିଥାଏ, ସେହିପରି ଆତ୍ମା ଅକ୍ଷର ରୂପୀ ତୀର ସ୍ୱରୂପରେ ଶବ୍ଦ ଲକ୍ଷ୍ୟକୁ ଭେଦ କରେ ।

**ପରମାଣୂ କେ ୟୋଗ ସେ, ମହ**
**ମଣ୍ଡଳ ଆକାଶ ।**
**ଅକ୍ଷର କମ୍ପ ସେ ହୋତ ହୈ, ସୃଷ୍ଟି**
**ସକଲ ଅଓ୍ୱକାଶ ॥୨୮॥**

ଭାଷ୍ୟ - ପ୍ରକୃତି ମଣ୍ଡଳର ଅନ୍ତିମ ସୀମାରେ ପରମାଣୁମାନଙ୍କର କୋଷ ଅଛି । ସେହି ପରମାଣୁ ମଣ୍ଡଳରେ ଅକ୍ଷରଙ୍କର ସାନ୍ନିଧ୍ୟରୁ ଗତି ପ୍ରାପ୍ତ ହୋଇ ପରମାଣୁମାନଙ୍କ ସହିତ ଯୋଗ ହୋଇ ସମସ୍ତ ସୃଷ୍ଟିର ବିକାଶ ହୋଇଥାଏ ।

**ବ୍ୟୋମ ଓ୍ୱ ମନ କା ୟୋନି ହୈ,**
**ବ୍ୟାପକ ଅକ୍ଷର ବ୍ୟୋମ ।**
**ବ୍ୟୋମ ସେ ଓ୍ୱାୟୁ ହୋତ ହୈ, ପ୍ରାଣ**
**ସଜୀଓ୍ୱନ ସୋମ ॥୨୬॥**

ଭାଷ୍ୟ - ବ୍ୟାପକ ଅକ୍ଷର ହିଁ ମନର ମୂଳ କାରଣ ଅଟେ ଆଉ ସେହି ଅକ୍ଷର ଦ୍ୱାରା ବାୟୁ ମଧ୍ୟ ଗତିଶୀଳ ହୋଇଥାଏ ଯାହା ସମଗ୍ର ଜଗତର ପ୍ରାଣର ଆଧାର ଅଟେ । ସୂତ୍ରାତ୍ମା ବାୟୁ ଦ୍ୱାରା ହିଁ ସମଗ୍ର ଶରୀରରେ ଜୀବନୀ ଶକ୍ତି ପ୍ରକଟ ହୋଇଥାଏ । ପ୍ରାଣ ଆଉ ମନ ଦୁହିଙ୍କର ଆଧାର ବ୍ୟାପକ ଅକ୍ଷର ଅଟେ ।

**ୟୋଗାଭ୍ୟାସ ରତ ଭେଦ ମେଁ,**
**ପ୍ରାଣ ଲୀନ ଆକାଶ ।**
**ନିଃଶ୍ୱାଁସ ସୁଷମନ ରହେ, ନହିଁ**
**ନିଷ୍ପନ୍ଦ ପ୍ରକାଶ ॥୩୦॥**

ଭାଷ୍ୟ - ବିହଙ୍ଗମ ଯୋଗର ସାଧନାରେ ମହାକାଶରେ ପ୍ରାଣ ଲୀନ ହୋଇ ଯାଏ ଏବଂ ଇଙ୍ଗଳା ପିଙ୍ଗଳା ନାଡ଼ିର ଗତି ବନ୍ଦ ହୋଇ, ବ୍ରହ୍ମନାଡ଼ି ହୋଇଯିବା ପରେ ଦିବ୍ୟାଲୋକ ପ୍ରାପ୍ତ ହୋଇଥାଏ । ପ୍ରାଣ ଲୀନ ନ ହେଲେ ଦିବ୍ୟାଲୋକର ପ୍ରାପ୍ତି ହୋଇପାରେ ନାହିଁ । ଏହି ଦିବ୍ୟାଲୋକ ପ୍ରାଣ ମଣ୍ଡଳର ଅଟେ, ଚେତନ ମଣ୍ଡଳର ନୁହେଁ । କେବଳ ଅନୁଭବୀ ସହଜ ଯୋଗୀ ଏହି ରହସ୍ୟକୁ ହୃଦୟଙ୍ଗମ କରିପାରିବେ ।

# ମନ୍ଦିର ମାଳିନୀ ବରଘାଟ

## ଗୋପୀନାଥ ଷଡ଼ଙ୍ଗୀ

ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ବ୍ରଜରାଜ ନଗର ଇବ୍ ନଦୀ କୂଳରେ ବରଘାଟ ନାମରେ ନାମିତ ୯୯୦ରେ ବିଭିନ୍ନ ଦେବାଦେବୀ ମନ୍ଦିର ରହିଅଛି । ଶିବ ମନ୍ଦିର, ବ୍ରହ୍ମା ମନ୍ଦିର, ବିଷ୍ଣୁ ମନ୍ଦିର, ଲକ୍ଷ୍ମୀ ମନ୍ଦିର, ଚାମଣ୍ଡା ମନ୍ଦିର, ଦୁର୍ଗା ମନ୍ଦିର, ନବଦୁର୍ଗା ମନ୍ଦିର, ଦକ୍ଷିଣ କାଳୀ, ମହାକାଳ ମନ୍ଦିର, କାମାକ୍ଷା ମନ୍ଦିର (ଶକ୍ତିପୀଠ), ବଟେଶ୍ୱର ବାବା ମନ୍ଦିର, ଅଘଡ଼େଶ୍ୱର, ବନଦୁର୍ଗା, ଶ୍ମସାନକାଳୀ, ଶ୍ମସାନ ଚଣ୍ଡୀ, ଗଙ୍ଗା ମାଗ, ବସୁଧା, ଦୁର୍ଗେଶ୍ୱରୀ ମନ୍ଦିର, ରାଜରାଜେଶ୍ୱରୀ ମନ୍ଦିର, ରାଜେଶ୍ୱର, ବ୍ରହ୍ମା ବିଷ୍ଣୁ, ମହେଶ୍ୱର ମନ୍ଦିର ଅଛି । ପୀଠର ପଛପଟେ ସ୍ୱର୍ଗଦ୍ୱାର ଅଛି ।

ଏହି ପୀଠରେ ୧୯୮୭ ରେ ସର୍ବ ପ୍ରଥମେ ଶିବ ମନ୍ଦିର ଆଦିତ୍ୟ ଧଳ ପ୍ରତିଷ୍ଠା କରିଥିଲେ । ସତୀ ଆତ୍ମଦାହ ପରେ ଏହିଠାରେ ତାଙ୍କର ହାଡ଼ ପଡିଥିଲା । ତାହାରି ସ୍ମୃତି ସ୍ୱରୂପ ଏଠାରେ ଶିବ ମନ୍ଦିର ପ୍ରତିଷ୍ଠା କରାଯାଇଛି । ପରେ ପରେ ଅନ୍ୟ ମନ୍ଦିର ଗୁଡିକ ନିର୍ମିତ ହୋଇଛି । ସାତ ଏକର ଜମିରେ ଏହି ମନ୍ଦିର ଗୁଡିକ ନିର୍ମାଣ କରା ଯାଇଛି । ଏହି ସମସ୍ତ ମନ୍ଦିରରେ ଏକମାତ୍ର ପୂଜକ ହୃଦାନନ୍ଦ ମହାପାତ୍ର ଅଛନ୍ତି । ପବ୍ୟତିତ ଧର୍ମୁ କୁମାର ରଣା ଏବଂ ବଂଶୀଧର ପ୍ରଧାନ ସେବାୟତ କାମ ଚଳାଉଛନ୍ତି ।

ବର୍ତ୍ତମାନ ✓ ଧଳଙ୍କ ପୁତ୍ର ଅଜିତ ଧଳ ଏ ସମସ୍ତ ମନ୍ଦିର ପରିଚାଳନା ଦାୟିତ୍ୱରେ ଅଛନ୍ତି ।

**ନବ ପ୍ରଶାସନିକ କଲୋନୀ,**
**ପ୍ରଧାନପଡ଼ା, ବୁଢ଼ାରଜା**

# ଲିଚୁର ଉପକାରିତା

ଲିଚୁ କୋଳି ଦେଖିବାକୁ ଯେପରି ସୁନ୍ଦର, ଖାଇବାକୁ ସେପରି ସ୍ୱାଦିଷ୍ଟ । ଖରାଦିନେ ଏହି କୋଳିର ଚାହିଦା ବି ରହିଛି । ପେଟକୁ ଥଣ୍ଡା ଆଉ ଶରୀର ପାଇଁ ମଧ୍ୟ ପୁଷ୍ଟିକର । କେହି କେହି ଏହାକୁ ଫଳଙ୍କ ମଧ୍ୟରେ ରାଣୀ ବୋଲି କହିଥାନ୍ତି । ଗହଳ ସବୁଜ ପତ୍ର ଭିତରେ ଲାଲ୍ ରଙ୍ଗର ଲିଚୁ ଖୁବ୍ ଆକର୍ଷଣୀୟ । ପ୍ରଥମ ଶତାବ୍ଦୀ ବେଳକୁ ଦକ୍ଷିଣ ଚୀନରେ ଦେଖା ଯାଉଥିବା ଏହି ବୃକ୍ଷଟି ଏବେ ଥାଇଲାଣ୍ଡ, ବାଂଲାଦେଶ, ଉତ୍ତର ଭାରତ, ଦକ୍ଷିଣ ଆଫ୍ରିକା, ଫ୍ଲୋରିଡ଼ା ପରି ବହୁ ସ୍ଥାନରେ ଦେଖିବାକୁ ମିଳୁଛି । ପିଲାଠାରୁ ବଡ଼ ଯାଏଁ ସମସ୍ତଙ୍କ ପାଇଁ ଏହା ଏକ ପସନ୍ଦଯୋଗ୍ୟ ଫଳ । ଏଥିରୁ କାର୍ବୋହାଇଡ୍ରେଟ୍, ଭିଟାମିନ୍ ସି, ଭିଟାମିନ୍ ଏ ଏବଂ ବି-କମ୍ପ୍ଲେକ୍ସ, ପୋଟାସିୟମ୍, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଫସ୍ଫରସ୍, ଲୌହ ପରି ଖଣିଜ ଲବଣ ମିଳିବା ସହ ଏହା ଶରୀରକୁ ସୁସ୍ଥ ରଖିଥାଏ ।

ଲିଚୁରେ ଥିବା ପୋଟାସିୟମ୍ ଏବଂ ତମ୍ବା ହୃଦରୋଗରୁ ରକ୍ଷା କରିଥାଏ । ଏହା ହୃଦ୍‌ସ୍ପନ୍ଦନର ଅନିୟମିତତା ଦୂର କରି ସ୍ୱାଭାବିକ କରିଥାଏ । ରକ୍ତଚାପକୁ ନିୟନ୍ତ୍ରିତ ରଖିଥାଏ । ତେଣୁ ହୃଦଘାତର ସମ୍ଭାବନା ହ୍ରାସ ପାଇଥାଏ । ଏଥିରୁ ମିଳୁଥିବା କ୍ୟାଲସିୟମ୍, ଫସ୍ଫରସ ଏବଂ ମ୍ୟାଗ୍ନେସିୟମ୍ ପିଲାମାନଙ୍କ ବିକାଶ ପାଇଁ ଖୁବ୍ ଆବଶ୍ୟକ । ଏହା ଅଷ୍ଟିଓପୋରୋସିସ୍ ପରି ହାଡ଼ର ସମସ୍ୟାକୁ ଦୂର କରେ ।

ଗବେଷଣାରୁ ଜଣାଯାଇଛି ଯେ, ଭିଟାମିନ୍ ସି'ରେ ଭରପୁର ଲିଚୁରେ କର୍କଟ (ବିଶେଷ କରି ସ୍ତନ କର୍କଟ) ପ୍ରତିରୋଧୀ ତତ୍ତ୍ୱ ଭରି ରହିଛି । ଏହାର ନିୟମିତ ସେବନ ଦ୍ୱାରା ଶରୀରରେ କର୍କଟ କୋଷିକାଗୁଡିକ ଆଉ ବୃଦ୍ଧି ପାଏ ନାହିଁ । ଲିଚୁରେ ମଧ ରହିଛି ଆଣ୍ଟିଅକ୍ସିଡାଣ୍ଟ । ଏଥିରେ ଥିବା ଭିଟାମିନ୍ ସି' ଆମ ଶରୀରର ରକ୍ତ କୋଷିକାର ନିର୍ମାଣ ସହ ଲୌହ ଅବଶୋଷଣରେ ସହାୟତା କରିଥାଏ ।

ଲିଚୁରେ ଥିବା ବିଟା କେରୋଟିନ୍, ରାଇବୋଫ୍ଲୋବିନ୍, ନିୟାସିନ୍ ଏବଂ ଫୋଲେଟ୍ ପରି ଭିଟାମିନ୍ ବି' ଲାଲ୍



ରକ୍ତକୋଷିକାର ନିର୍ମାଣ ସହ ସୁସ୍ଥ ପାଚନ ପ୍ରକ୍ରିୟା ପାଇଁ ଆବଶ୍ୟକ । ଫୋଲେଟ୍ ଆମ ଶରୀର କୋଲେଷ୍ଟରଲ୍ ସ୍ତରକୁ ନିୟନ୍ତ୍ରିତ ରଖିଥାଏ ।

ଏଥିରେ ଥିବା ଫାଇବର ମେଦ ବହୁଳତା ହ୍ରାସ କରେ । ଫାଇବର ଆମର ଖାଦ୍ୟକୁ ଜୀର୍ଣ୍ଣ କରିବାରେ ସହାୟତା କରିଥାଏ । ଏହା ଶରୀରକୁ ସଂକ୍ରାମକ ରୋଗରୁ ରକ୍ଷା କରିବା ସହ ରୋଗ ପ୍ରତିରୋଧକ କ୍ଷମତାକୁ ବୃଦ୍ଧି କରିଥାଏ ।

ଲିଚୁ ଶକ୍ତିପ୍ରଦ, ତେଣୁ ଶରୀରର କ୍ଲାନ୍ତିକୁ ଦୂର କରେ । ଏଥିରେ ଥିବା ନିୟାସିନ୍ ଆମ ଶରୀରକୁ ଶକ୍ତି ଯୋଗାଇ ଦେବା ପାଇଁ ଆବଶ୍ୟକ ଥିବା ଷ୍ଟେରଏଡ୍ ହର୍ମୋନ୍ ଏବଂ ହିମୋଗ୍ଲୋବିନ୍ ସୃଷ୍ଟି କରିଥାଏ । ଏଥିପାଇଁ ଲିଚୁ କୋଳି ଖାଇଲେ ଶରୀରକୁ ସ୍ଫୁର୍ତ୍ତି ମିଳିଥାଏ ।

ଲିଚୁର ରସ ହେଉଛି ଏକ ପୁଷ୍ଟିକର ତରଳ ପଦାର୍ଥ । ଏହା ତାତିରୁ ରକ୍ଷା କରିଥାଏ । ଗ୍ରୀଷ୍ମକାଳୀନ ଅନ୍ୟାନ୍ୟ ସମସ୍ୟାକୁ ଦୂର କରେ । ଶରୀର ପାଇଁ ଆବଶ୍ୟକ ଜଳ ଏଥିରୁ ମିଳେ ଏହା ଜଳଶୁଷ୍କତା ହେବାକୁ ଦିଏ ନାହିଁ ।

କାଶ, ଜ୍ୱର, ଗଳା ସଂକ୍ରମଣ ଆଦିରୁ ଏହା ରକ୍ଷା କରେ । ଶୁଖିଲା କାଶ ପାଇଁ ଏହା ରାମବାଣ ସଦୃଶ ବୋଲି କୁହାଯାଏ । ଏଥିରେ ଥିବା ଏକ ପ୍ରକାର ରସାୟନ ଇନଫ୍ଲୁଏନଜା ଜୀବାଣୁଠାରୁ ରକ୍ଷା କରିଥାଏ ।

ଲିଚୁର ନିୟମିତ ସେବନ ଦ୍ୱାରା ତୈଳୀୟ ତ୍ୱଚାକୁ ପୋଷଣ ମିଳିଥାଏ । ଶରୀରରେ ଦେଖା ଯାଉଥିବା ବିଭିନ୍ନ ଦାଗ ଆଦି ଦୂର ହୁଏ । ଶରୀରକୁ ଅଲଟ୍ରାଭାଓଲେଟ୍ କିରଣରୁ ଏହା ରକ୍ଷା କରିଥାଏ ।

ଲିଚୁର ମଞ୍ଜି ଏବଂ ଚୋପାରେ ମଧ ଅନେକ ଔଷଧୀୟ ତତ୍ତ୍ୱ ରହିଛି । ପାଚନ ସମ୍ବନ୍ଧୀୟ ସମସ୍ୟା ଦୂର କରିବା ପାଇଁ ଲିଚୁ ମଞ୍ଜିର ଚୂର୍ଣ୍ଣକୁ ଚା' କରି ପିଇବା ଦ୍ୱାରା ଲାଭ ମିଳିଥାଏ । ଏହି ଚା' ପିଇବା ଦ୍ୱାରା ତନ୍ତ୍ରିକାରେ ହେଉଥିବା ପୀଡ଼ା ଦୂର ହୁଏ । ପେଟରୁ କୃମି ମାରିବା ପାଇଁ ହେଲେ ଏହାର ଚୂର୍ଣ୍ଣକୁ ମହୁ ସହ ମିଶାଇ ଖାଇବାକୁ ଦିଆଯାଏ ।

ଲିଚୁ ବୃକ୍ଷର ଚେର, ଫୁଲ ଏବଂ ଛାଲିକୁ ସିଝାଇ ପ୍ରସ୍ତୁତ ହୋଇଥିବା ହର୍ବାଲ୍ ଚା' ପିଇବା ଦ୍ୱାରା ମିଳିମିଳା ପରି ସଂକ୍ରାମକ ରୋଗରୁ ରକ୍ଷା ମିଳିଥାଏ ।

# ନଡିଆ ପାଣି ମହୁର ଉପକାରିତା

ଆମ ଭିତରେ ଅନେକ ନଡିଆ ପାଣି ପିଇବାକୁ ବହୁତ ଭଲ ପାଆନ୍ତି । ନଡିଆ ପାଣିରେ ମହଜୁଦ୍ ପୌଷ୍ଟିକ ତତ୍ତ୍ୱ ଆଜିର ଦୂଷିତ ବାତାବରଣରୁ ରକ୍ଷା କରିଥାଏ । ସଂକ୍ରମିତ ଜୀବାଣୁକୁ ଶରୀର ମଧ୍ୟକୁ ପ୍ରବେଶ କରିବାରୁ ରୋକିଥାଏ । ଏହାଛଡ଼ା ନଡିଆ ପାଣି ପିଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ପାଇଥାଏ । କିନ୍ତୁ ଜାଣନ୍ତି, ଏହି ନଡିଆ ପାଣିରେ ଏକ ଚାମଚ ମହୁ ମିଶାଇ ପିଇଲେ ଶରୀରକୁ ବିଶେଷ ଲାଭ ମିଳିଥାଏ । ନଡିଆ ପାଣି ଓ ମହୁ ମିଶା ପାଣି ପିଇବା ଦ୍ୱାରା ପେଟ ଜ୍ୱଳନ, ଅମ୍ଳଦୋଷ ଭଳି ପାଚନ ସମ୍ବନ୍ଧୀୟ ସମସ୍ୟାରୁ ତୁରନ୍ତ ଆରାମ ମିଳିଥାଏ । ଏହାକୁ ନିୟମିତ ପିଇଲେ ରୋଗ ପ୍ରତିରୋଧକ କ୍ଷମତା ଦୃଢ଼ ହୋଇଥାଏ । ଏଥିରେ ଭିଟାମିନ ସି' ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା



ରୋଗ ପ୍ରତିରୋଧକ କ୍ଷମତାକୁ ମଜଭୁତ୍ କରିଥାଏ । ବୟସ ବଢ଼ିବା ସହ ଶରୀରରେ ଫ୍ରି ରାଡିକାଲ ବୃଦ୍ଧି ପାଇଥାଏ । ଏହାଦ୍ୱାରା ଚେହେରାରେ କୁଞ୍ଚନ ଚାଲିଆସେ । ଏ ସମସ୍ୟାରୁ ରକ୍ଷା ପାଇବାକୁ ଚାହୁଁଥିଲେ ନଡିଆ ପାଣି ମହୁ ମିଶାଇ ପିଇପାରିବେ । ଏହି ପେୟରେ ମହଜୁଦ୍ ଫାଇବର କୋଷ୍ଠକାଠିନ୍ୟ ସମୟରେ ମଳଦ୍ୱାରରେ ସୃଷ୍ଟ ଯନ୍ତ୍ରଣାରୁ ଲାଘବ ଦେଇଥାଏ ।

# ଆପଣ ଜାଣନ୍ତି କି ?

- ଗୋଲାପର ଜନ୍ମ ପଞ୍ଚତିରିଶ ନିୟୁତ ବର୍ଷ ପୁରୁଣା । ପାଞ୍ଚ ହଜାର ବର୍ଷ ପୂର୍ବେ ଚାଇନାରେ ପ୍ରଥମେ ଗୋଲାପର ଉଦ୍ୟାନ କୃଷି ଆରମ୍ଭ ହୋଇଥିଲା । ଗୋଲାପ ପ୍ରଜାତି ସଂଖ୍ୟା ଦେଢ଼ ଶହରୁ ଅଧିକ ।
- 'ଜୁଲିଏଟ୍ ରୋଜ୍' ବିଶ୍ୱର ସବୁଠାରୁ ମହଙ୍ଗା ଗୋଲାପ । ଇଂଲଣ୍ଡର ଡେଭିଡ୍ ଅଷ୍ଟିନ୍ ୨୦୦୬ ରେ ଏହା ବିକଶିତ କରାଇଥିଲେ । ଏଥି ପାଇଁ ପନ୍ଦର ବର୍ଷ ସମୟ ଏବଂ ତେତିଶ କୋଟି ଟଙ୍କା ବ୍ୟୟ ହୋଇଥିଲା ।
- ଗୋଲାପ ବୃକ୍ଷ ଉଚ୍ଚତାରେ ସାତ ମିଟର ପର୍ଯ୍ୟନ୍ତ ବଢ଼ିପାରେ । ଆମେରିକାର ଟମ୍ବଷ୍ଟନ୍ ସହରରେ ଥିବା 'ଲେଡି ବେଙ୍କସ୍ ରୋଜ' ପ୍ରଜାତିର ଗୋଲାପ ବୁଦା ବିଶ୍ୱର ସବୁଠାରୁ ବଡ଼ । ଏହାର ଗଣ୍ଡି ସାଢ଼େ ତିନି ମିଟର, ଆଠ ଶହ ମିଟର ଅଞ୍ଚଳରେ ପରିବ୍ୟାପ୍ତ, ଫୁଲ ସଂଖ୍ୟା ପ୍ରାୟ ଦୁଇ ଲକ୍ଷ ।
- ଜର୍ମାନିର ଏକ ଗିର୍ଜା କାନ୍ଥରେ ଥିବା ଗୋଲାପ ବୃକ୍ଷ ହଜାରେ ବର୍ଷ ପ୍ରାଚୀନ ।
- ତୁର୍କିର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ କଳା ଗୋଲାପ ଦେଖିବାକୁ ମିଳେ ।
- ଗୋଲାପ ଭିଟାମିନ୍ 'ସି'ରେ ସମୃଦ୍ଧ । ସାଲାଡ୍, କେକ୍, ଜେଲି, ଜାମ୍, ଚକଲେଟ୍ ଆଦି ପ୍ରସ୍ତୁତିରେ ଗୋଲାପ ପାଖୁଡ଼ା ବ୍ୟବହାର କରାଯାଏ ।
- ସବୁ ଗୋଲାପ ପାଞ୍ଚ ପାଖୁଡ଼ା ହୋଇଥିବା ବେଳେ 'ରୋଜା ସେରିସିଆ' ପ୍ରଜାତିର ଗୋଲାପ ଚାରି ପାଖୁଡ଼ା ବିଶିଷ୍ଟ । ଏହ ହିମାଳୟ ଏବଂ ଏହାର ଆଖପାଖ ଇଲାକାରେ ବଢ଼େ ।
- ପ୍ରେମ, ପ୍ରଣୟ, ଅନୁରାଗ ଅଭିଳାଷ, ସୌନ୍ଦର୍ଯ୍ୟ ଓ ଶାନ୍ତିର ପ୍ରତୀକ ଗୋଲାପ ।

# କହିପାରିବେ କି ?

(୧) କେଉଁ ଜୀବର ୩୨ଟି ମସ୍ତିଷ୍କ ରହିଛି ?
(୨) ଭାରତର ଜାତୀୟ ଖାଦ୍ୟ କ'ଣ ?
(୩) ଧଳାହାତୀର ଦେଶ କାହାକୁ କୁହାଯାଏ ?
(୪) ମୋବାଇଲ ଫୋନ୍‌ରେ 'ଭାରତର ପ୍ରଥମ ଡିଜିଟାଲ ବ୍ୟାଙ୍କ ସେବା' କେଉଁ ବ୍ୟାଙ୍କ ଆରମ୍ଭ କରିଥିଲା ?
(୫) ଭାରତରେ କେଉଁ ମେଟ୍ରୋ ସହର 'ପ୍ରଥମ ସମ୍ପୂର୍ଣ୍ଣ ୱାଇଫାଇ ସକ୍ଷମ ସହର' ଭାବେ ପରିଚିତ ?
(୬) ରାମାୟଣର ଅନ୍ତିମ କାଣ୍ଡ କ'ଣ ?
(୭) ସୁଗ୍ରୀବଙ୍କ ମନ୍ତ୍ରୀଙ୍କ ନାମ କ'ଣ ଥିଲା ?
(୮) ଦଶରଥଙ୍କ ଗୁରୁ କିଏ ଥିଲେ ?
(୯) ପ୍ରଭୁ ରାମଚନ୍ଦ୍ର କେଉଁ ବଂଶରେ ଜନ୍ମ ହୋଇଥିଲେ ?
(୧୦) ହନୁମାନ ଛୋଟ ବେଳେ କାହାକୁ ଫଳ ଭାବି ଖାଇବାକୁ ଯାତ୍ରା କରିଥିଲେ ?

## JUMBLE WORDS

| | | | |
|---|---|---|---|
| 1) NUMDO | = | 6) NUBDO | = |
| 2) FRIDT | = | 7) LOPIWL | = |
| 3) GTUTAH | = | 8) LEENEV | = |
| 4) CULNMO | = | 9) TRIWL | = |
| 5) RUSMT | = | 10) NEISG | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ଲର୍ଡ଼ ଲିଙ୍ଗନ୍, ୨. ଲଦାଖ, ୩. ନୂଆଦିଲ୍ଲୀ, ୪.ଜାପାନ, ୫.ମାର୍ଚ୍ଚ ୨୦, ୬. ମଣିପୁର, ୭. ସମ୍ପତ୍ତି ଅଧିକାର, ୮. କାଟାଲିନ୍ ନୋଭାକ୍, ୯. ରୁମା, ୧୦. ଉଦୟ ମାହୁରକର ।

***Jumble Words*** ର ଉତ୍ତର :-

(1) SKIER (2) HASTY (3) HARDER (4) ORIGIN (5) GOURD
(6) SUNNY (7) ENTICE (8) RADIAL (9) MOUND (10) DRIFT.

# ଅମ୍ଳଜାନ ପ୍ରଦାନକାରୀ ଉପଯୋଗୀ ବୃକ୍ଷ

**ବୃ**କ୍ଷଲତାର ପତ୍ରରୁ ଅମ୍ଳଜାନ ପ୍ରସ୍ତୁତ ହୋଇଥାଏ, ଯେଉଁଠି ଆଲୋକ ସଂଶ୍ଳେଷଣ ପ୍ରକ୍ରିୟା ଅନ୍ତର୍ଗତ ଅଙ୍ଗାରକାମ୍ଳର ଉପଯୋଗ ଏବଂ ଅମ୍ଳଜାନର ବିସର୍ଜନ ହୋଇଥାଏ । ଗୋଟିଏ ବୃକ୍ଷ ପ୍ରତିଦିନ ହାରାହାରି ୨୭୨୧ କି.ଗ୍ରା ଓ ବର୍ଷକ ମଧ୍ୟରେ ୯୯୩୧୬୫ କି.ଗ୍ରା ଅମ୍ଳଜାନର ଉତ୍ପାଦନ କରିଥାଏ, ଯେତେବେଳେ କି ଜଣେ ବ୍ୟକ୍ତି ପ୍ରତିଦିନ ହାରାହାରି ୦.୮୪ କି.ଗ୍ରା ଅମ୍ଳଜାନ ଗ୍ରହଣ କରିଥାଏ । ଏହା ମଧ୍ୟ ଜାଣିବା ଆବଶ୍ୟକ ଯେ ସାଧାରଣତଃ ବୃକ୍ଷ ଦିନରେ ଅମ୍ଳଜାନ ଏବଂ ରାତିରେ ଅଙ୍ଗାରକାମ୍ଳ ତ୍ୟାଗ କରିଥାଏ, ଯେଉଁ କାରଣରୁ ବୃକ୍ଷରେ ଭୂତପ୍ରେତ ରହନ୍ତି କହି ରାତିରେ ତାହାର ମୂଳରେ ନ ଶୋଇବାର ମାନ୍ୟତା ରହିଛି ।

ବାସ୍ତବରେ ରାତିରେ ଅଙ୍ଗାରକାମ୍ଳ ନିଃସୃତ ହେବା ଯୋଗୁଁ ବ୍ୟକ୍ତି ଶ୍ୱାସରୁଦ୍ଧ ହେବା ପରି ଓ ବୁଲେଇ ହେବା ପରି ଅନୁଭବ କରିଥାଏ ତଥା ଦିନରେ ଦୁଃସ୍ୱପ୍ନର ଶିକାର ହୋଇପାରେ । ଯାହା ବି ହେଉ ସୁସ୍ଥ ପରିବେଶ ନିମନ୍ତେ ବୃକ୍ଷରୋପଣ ଗୁରୁତ୍ୱପୂର୍ଣ୍ଣ ଏବଂ ଯେବେ ଅମ୍ଳଜାନର ଅତିରିକ୍ତ ଉତ୍ପାଦନ କଥା ଉଠେ ତ ଦିନ-ରାତି ଅମ୍ଳଜାନ ତ୍ୟାଗ କରୁଥିବା ବିଶେଷ ବୃକ୍ଷଲତାର ଚର୍ଚ୍ଚା ଆବଶ୍ୟକ ହୋଇଯାଏ, ଯାହାକୁ ଘର ଭିତରେ ଓ ବାହାରେ ରୋପଣ କରାଯାଇ ପାରେ । ଏଭଳି କେତୋଟି ଉପଯୋଗୀ ବୃକ୍ଷର ସଂକ୍ଷିପ୍ତ ବିବରଣ ପ୍ରସ୍ତୁତ କରାଯାଉଛି, ଯେଉଁଗୁଡ଼ିକୁ ଘର ଭିତରେ ଏବଂ ଆଖପାଖରେ ରୋପଣ କରିବା ପାଇଁ ପ୍ରୋତ୍ସାହିତ କରାଯାଇ ପାରେ ।

ଅମ୍ଳଜାନ ଉତ୍ସର୍ଜନ ସମ୍ବନ୍ଧରେ ସାମୁଦ୍ରିକ ବୃକ୍ଷଲତା ସବୁଠାରୁ ପ୍ରମୁଖ । ସମୁଦ୍ର ଦୁଇ ତୃତୀୟାଂଶ ହୋଇଥିବାରୁ ଏହା ସର୍ବାଧିକ ୭୦ ରୁ ୮୦ ପ୍ରତିଶତ ଅମ୍ଳଜାନ ଉତ୍ପାଦନ କରିଥାଏ । ଭୂପୃଷ୍ଠରେ ଉତ୍ପନ୍ନ ହେଉଥିବା ବୃକ୍ଷଗୁଡ଼ିକ ମଧ୍ୟରେ ବାଉଁଶ ସବୁଠାରୁ ଦ୍ରୁତ ବେଗରେ ବଢୁଥିବା ବୃକ୍ଷ ଅଟେ, ଯାହା ଅନ୍ୟ ବୃକ୍ଷଗୁଡ଼ିକ ତୁଳନାରେ ୩୦% ଅଧିକ ଅମ୍ଳଜାନ ନିଃସୃତ କରିଥାଏ । ବାଉଁଶ ଗଛ ପ୍ରତିବର୍ଷ ୮୦ ଟନ ଅଙ୍ଗାରକାମ୍ଳ ଅବଶୋଷିତ କରିଥାଏ ଏବଂ ୭୦ ଟନରୁ ଅଧିକ ଅମ୍ଳଜାନ ଉତ୍ପାଦନ କରିଥାଏ । ଏହା ପ୍ରାକୃତିକ ରୂପେ ବିଷମ ପରିସ୍ଥିତିଗୁଡ଼ିକରେ ମଧ୍ୟ ଦୃତ ବେଗରେ ଉତ୍ପନ୍ନ ହୋଇଥାଏ ଏବଂ ଏହା କୌଣସି ସାର ଓ କୀଟନାଶକ ଦରକାର କରି ନ ଥାଏ । ନିଜର ବିଶେଷତାଗୁଡ଼ିକ କାରଣରୁ ଏହା ବାୟୁକୁ ତାଜା ରଖୁଥାଏ ।

ଅଶ୍ୱତ୍ଥ ଭାରତର ଏକ ଲୋକପ୍ରିୟ ବୃକ୍ଷ, ଯାହା ସହିତ ଲୋକଙ୍କ ଧାର୍ମିକ-ଆଧ୍ୟାତ୍ମିକ ଭାବନା ଯୋଡ଼ି ହୋଇଥାଏ । ଏହା ଦିନ ଓ ରାତିରେ ଅମ୍ଳଜାନ ଉତ୍ପାଦନ କରୁଥିବାରୁ ଦୁର୍ଲଭ ବୃକ୍ଷ ଅଟେ । ଏହା ୨୨ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଅମ୍ଳଜାନ ଦେଇଥାଏ ଓ ପରିବେଶକୁ ଶୁଦ୍ଧ କରିଥାଏ । ଏହିପରି ଭାରତର ଜାତୀୟ ବୃକ୍ଷ ବର ମଧ୍ୟ ଅଧିକ ଅମ୍ଳଜାନ ପ୍ରଦାନକାରୀ ବୃକ୍ଷଗୁଡ଼ିକ ମଧ୍ୟରେ ସାମିଲ ଅଟେ । ଏହି ଚିରସବୁଜ ବୃକ୍ଷକୁ ବିଶ୍ୱର ସବୁଠାରୁ ବିଶାଳ ବୃକ୍ଷଗୁଡ଼ିକ ମଧ୍ୟରେ ଗଣନା କରାଯାଏ ଏବଂ ଏହା ଅନେକ ବର୍ଷ ପର୍ଯ୍ୟନ୍ତ ଠିଆ ହୋଇଥାଏ । ଏହା ଅନେକ ଔଷଧୀୟ ଗୁଣଯୁକ୍ତ ଏବଂ ଏହା ମଧ୍ୟ ଅନେକ ଧର୍ମର ଆସ୍ଥା ସହିତ ଜଡ଼ିତ ବୃକ୍ଷ ଅଟେ ।

ନିମ ଭଳି ଔଷଧୀୟ ବୃକ୍ଷ ମଧ୍ୟ ଉଚ୍ଚ ହାରରେ ଆଲୋକ ସଂଶ୍ଳେଷଣ କରିଥାଏ ଏବଂ ଅଧିକ ଅମ୍ଳଜାନ ଉତ୍ପାଦନ କରିଥାଏ । ଜଳ ଓ ବାୟୁ ପ୍ରଦୂଷଣ ସହିତ ଏହାର ଗରମ ସହିବାର କ୍ଷମତା ଉଲ୍ଲେଖନୀୟ । ଏହା ଏକ ଶକ୍ତିଶାଳୀ ପ୍ରାକୃତିକ କୀଟନାଶକ ବୃକ୍ଷ ମଧ୍ୟ । ମଧୁମେହ, ଶ୍ୱାସ, ରକ୍ତ ବିକାର ଭଳି ରୋଗଗୁଡ଼ିକର ଉପଚାରରେ ସହାୟକ ହେବା ସହିତ ଏହା ରାତିରେ ମଧ୍ୟ ଅମ୍ଳଜାନ ତ୍ୟାଗ କରିଥାଏ ଏବଂ ପରିବେଶକୁ ଶୁଦ୍ଧ ରଖୁଥାଏ । ଘରର ବାରଣ୍ଡାରେ ଏହାର ବୋସାଇ ବୃକ୍ଷକୁ ଲଗାଯାଇପାରେ । ଏହି ବୃକ୍ଷଗୁଡ଼ିକ ବ୍ୟତୀତ ସାଗୁଆନ, ଅଶୋକ, ଅର୍ଜୁନ, ଜାମୁକୋଳି ଆଦି ବୃକ୍ଷ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ପ୍ରଦାନ କରିଥାଏ । ଘରେ ଲଗାଇ ପାରିବା ଭଳି ଲୋକପ୍ରିୟ ତୁଳସୀ ବୃକ୍ଷ ମଧ୍ୟ ରାତିରେ ଅମ୍ଳଜାନ ତ୍ୟାଗ କରିଥାଏ । ତୁଳସୀ ଅନେକ ପ୍ରଜାତିର ଦେଖାଯାଏ ।

ନିଜର ଔଷଧୀୟ ଓ ଆଧ୍ୟାତ୍ମିକ ବିଶେଷତା ସହିତ ତୁଳସୀ ବହୁତ ଲାଭଦାୟକ । ଗ୍ରୀଷ୍ମ ଓ ଶୀତଦିନେ ଏହାକୁ ବଞ୍ଚାଇ ରଖିବାକୁ ହୋଇଥାଏ । ଏହାର ଶାଖା ଓ ପତ୍ରଗୁଡ଼ିକରୁ ଆସୁଥିବା ସୁଗନ୍ଧ ଚାପ ଓ ଉଦ୍‌ବିଗ୍ନତା ଶାନ୍ତ କରିଥାଏ । ଏଗୁଡ଼ିକ ସହିତ ବିଦେଶରୁ ଆମଦାନୀ ହୋଇ ଆସୁଥିବା ତଥା ଭାରତରେ ଲୋକପ୍ରିୟ ହେଉଥିବା ଏରୋକେରିଆ ବା ଖ୍ରୀଷ୍ଟମାସ ଟ୍ରି ମଧ୍ୟ ଏକ ଉପଯୋଗୀ ବୃକ୍ଷ, ଯାହା ୨୪ ଘଣ୍ଟା ଅମ୍ଳଜାନ ଦେଇଥାଏ । ଘର ବାହାରେ ଫାଟକରେ ବା ବାରଣ୍ଡାରେ ଲଗାଇଲେ ଏହା ସ୍ଥାନର ସୁନ୍ଦରତା ବୃଦ୍ଧି କରିଥାଏ । ଏହି ଘରର ବାହାରେ ଲଗାଯାଉଥିବା ବୃକ୍ଷଗୁଡ଼ିକ ସହିତ କିଛି ବୃକ୍ଷ ଘର ଭିତରେ କୋଠରୀରେ ବି ଲଗାଯାଇପାରେ । ଏହା ଏକ ପକ୍ଷରେ ଘରର ସୁନ୍ଦରତା ବଢ଼ାଏ, ମନକୁ ପ୍ରସନ୍ନ ଲାଗେ ଓ ଅନ୍ୟ ପକ୍ଷରେ ନିଜର ଅମ୍ଳଜାନ ବିସର୍ଜନ ଓ ପ୍ରଦୂଷଣ ଅବଶୋଷଣ କ୍ଷମତା କାରଣରୁ ବାତାବରଣକୁ ବି ଶୁଦ୍ଧ ରଖୁଥାଏ ।

ଏହି ଶ୍ରେଣୀରେ ଘିକୁଆଁରୀକୁ ଗାମଲାରେ ଲଗାଯାଇ ପାରେ । ଘର ଭିତରେ ବାହାରେ ଯେଉଁଠି ବି ଏହା ଲଗାଯାଇପାରେ ଏହା ବହୁତ କମ୍ ପାଣି ଆବଶ୍ୟକ କରେ ଏହାକୁ ଅଧିକ ଖରା ବି ଦରକାର ନାହିଁ । ନିଜର ଚିକିତ୍ସକୀୟ ଓ ସୌନ୍ଦର୍ଯ୍ୟ ପ୍ରସାଧନର ବିଶେଷତା ସହିତ ଘିକୁଆଁରୀ ରାତିରେ ବି ଅମ୍ଳଜାନ ଛାଡ଼ିଥାଏ । ଏରିକା ପାମ୍ ଏକ ଲୋକପ୍ରିୟ ବୃକ୍ଷ, ଯାହାର ଛୋଟ ଓ ଅଳ୍ପ ଉଚ୍ଚତାର ବୃକ୍ଷକୁ ଘରେ ସ୍ଥାନର ଉପଲବ୍ଧତା ହିସାବରେ ସଜାଯାଇପାରେ । ଏହା ଘରର କ୍ଷତିକାରକ ଗ୍ୟାସ୍ ଓ ଆର୍ଦ୍ରତାକୁ ଶୋଷିନିଏ ତଥା ବାୟୁ ମଣ୍ଡଳ କୁ ଶୁଦ୍ଧ ରଖୁଥାଏ । ଏହା କମ୍ ସୂର୍ଯ୍ୟାଲୋକରେ ଉତ୍ପନ୍ନ ହୁଏ ତଥା ଟାଣ ଖରାରୁ ଏହାକୁ ରକ୍ଷା କରାଯିବା ଆବଶ୍ୟକ ।

ସ୍ନେକ ପ୍ଲାଣ୍ଟ ବା ନାଗ ବୃକ୍ଷ ମଧ୍ୟ ଗାମଲାରେ ସଜା ହେଉଥିବା ସୁନ୍ଦର ବୃକ୍ଷ । ଏହା ଘରୁ ବାହାରୁଥିବା କ୍ଷତିକାରକ ଗ୍ୟାସ୍ ଏବଂ ବିକିରଣଗୁଡ଼ିକୁ ଶୋଷିଥାଏ ଓ ଅମ୍ଳଜାନ ଉତ୍ସର୍ଜନ କରିଥାଏ । ଏହାକୁ ମଧ୍ୟ ବିଶେଷ କିଛି ଦେଖାରେଖା କରିବା ଦରକାର ନାହିଁ । ଏହିପରି ସ୍ପାଇଡର ପ୍ଲାଣ୍ଟ ଗାମଲାରେ ଲଗାଯାଏ । ଅର୍କିଡର ବୃକ୍ଷଗୁଡ଼ିକ ମଧ୍ୟ ରାତିରେ ଅମ୍ଳଜାନ ଛାଡ଼ ଏବଂ ମସ୍ତିଷ୍କକୁ ଶ୍ୱାସରୁଦ୍ଧକର ସ୍ଥିତିରୁ ରକ୍ଷା କରନ୍ତି ତଥା ବାତାବରଣକୁ ଶୁଦ୍ଧ ରଖନ୍ତି । ଜଗବେରା ମଧ୍ୟ ଅଧିକ ଅମ୍ଳଜାନ ଛାଡୁଥିବା ବୃକ୍ଷ, ଯାହାକୁ ଗାମଲାରେ ସଜା ଯାଇପାରେ । ଏହାର ଗୋଲାପି, ଲାଲ, ହଳଦିଆ ଓ ଧଳା ରଙ୍ଗର ଫୁଲ ବହୁତ ସୁନ୍ଦର ଲାଗିଥାଏ ।

ଫିଡଲ ଲିଫ ଫିଗ ଚଉଡ଼ା ପତ୍ର ଯୁକ୍ତ ବୃକ୍ଷ ଅଟେ, ଯାହା ବାୟୁଶୋଧନ ଏବଂ ଆର୍ଦ୍ରତା ଦୂର କରିବାରେ ସହାୟକ ହୋଇଥାଏ । ଏହାକୁ ଘରେ କବକ (ଫଙ୍ଗସ୍) ଉତ୍ପନ୍ନ ହେଉଥିବା ଆର୍ଦ୍ର ଓ ଗରମ ସ୍ଥାନରେ ଲଗାଯାଇପାରେ । ଏହା କମ୍ ଆଲୋକରେ ଉତ୍ତମ ରୂପେ ବଢ଼ିଥାଏ । ମନିପ୍ଲାଣ୍ଟ ଏକ ପ୍ରଚଳିତ ବୃକ୍ଷ ଯାହାକୁ ଅମ୍ଳଜାନ ପ୍ରଦାନକାରୀ ଏକ ଶ୍ରେଷ୍ଠ ବୃକ୍ଷ ମନେ କରାଯାଏ । ଏହାକୁ ଘର ଭିତରେ ଗାମଲାରେ, ପାଣି ବୋତଲରେ କେଉଁଠି ବି ଲଗାଯାଇପାରେ । ଏହାର ଶାଖା କାଟି ତାହାକୁ ପୁଣି ଥରେ ଲଗାଯାଇପାରେ । ଏହିପରି ମୋନଷ୍ଟେରା ଅବଲିକୁଆ ବୃକ୍ଷ ଗାମଲାରେ ଲଗାଯାଏ, ଯାହା କମ୍ ସୂର୍ଯ୍ୟାଲୋକ ଓ ସାଧାରଣ ଆଲୋକରେ ଉତ୍ପନ୍ନ ହେଉଥିବା ବୃକ୍ଷ ଅଟେ ଏବଂ ଏହା ବାତାବରଣକୁ ଶୁଦ୍ଧ କରିଥାଏ ।

ପିସ୍ ଲିଲି ଏପରି ଏକ ବୃକ୍ଷ, ଯାହାର ସବୁଜିମାପୂର୍ଣ୍ଣ ପତ୍ର ଆଖିକୁ ଶୀତଳତା ଦେଇଥାଏ । ଏହା ମଧ୍ୟ ଅମ୍ଳଜାନ ଉତ୍ସର୍ଜନ କରିଥାଏ । ଏହାର ଧଳା ଫୁଲ ବହୁତ ସୁନ୍ଦର ଓ ସୁଖଦାୟକ ହୋଇଥାଏ । ଘର ଭିତରେ ଉତ୍ପନ୍ନ ହେଉଥିବା ଏପରି ବୃକ୍ଷଗୁଡ଼ିକୁ ଏକ ବର୍ଗ ଫୁଟରେ ଗୋଟିଏ ବୃକ୍ଷ ହିସାବରେ ସଜାଯାଇପାରେ । ଏହିପରି ଦଶ ବର୍ଗ ଫୁଟରେ ଦଶଟି ବୃକ୍ଷ ଉତ୍ପନ୍ନ କରାଯାଇ ପାରିବ ।

ଏହି ବୃକ୍ଷଗୁଡ଼ିକର ଜଳ, ଆର୍ଦ୍ରତା, ଖତ ଓ ଆଲୋକର ସାଧାରଣ ଆବଶ୍ୟକତା ପୂରଣ କରି ଏଗୁଡ଼ିକୁ ଘର ଭିତରେ ଓ ବାରଣ୍ଡାରେ ଉତ୍ପନ୍ନ କରାଯାଇ ପାରିବ । ଅମ୍ଳଜାନ ଉତ୍ସର୍ଜନ, ବାୟୁମଣ୍ଡଳର ଶୁଦ୍ଧି କରିବା ସହିତ ଏଗୁଡ଼ିକ ଘରର ଶୋଭା ବଢ଼ାନ୍ତି । ଏଗୁଡ଼ିକର ଦେଖାରେଖା ଓ ସାନ୍ନିଧ ମନକୁ ଶାନ୍ତି ଆଉ ସନ୍ତୋଷ ଦେଇଥାଏ ଏବଂ ପ୍ରାଣବାୟୁ ଦେବା ସଙ୍ଗେ ସଙ୍ଗେ ପ୍ରସନ୍ନତା ପ୍ରାପ୍ତି ହେତୁ ବିଶ୍ୱସନୀୟ ସହଚର ସାବ୍ୟସ୍ତ ହୋଇଥାଏ ।

# ସନ୍ଥ ନାମଦେବଙ୍କ....

(ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ)

ସନ୍ଥ ନାମଦେବ ଭଗବତ୍ ପ୍ରେମରେ ଏତେ ଭାବବିହ୍ୱଳ ହୋଇଗଲେ ଯେ ତାଙ୍କୁ ସେହି ଦଉଡୁଥିବା କୁକୁର ମଧ୍ୟରେ ବି ତାଙ୍କର ପାଣ୍ଡୁରଙ୍ଗ ଦେଖାଗଲେ । କୁହାଯାଏ ଯେ ନାମଦେବଙ୍କର ଏପରି ପରମ ଭକ୍ତିକୁ ଦେଖି ପାଣ୍ଡୁରଙ୍ଗ ଭଗବାନ କୁକୁର ରୂପ ତ୍ୟାଗ କରି ନିଜର ବାସ୍ତବିକ ସ୍ୱରୂପକୁ ଧାରଣ କଲେ ଏବଂ ଶଙ୍ଖ, ଚକ୍ର, ଗଦା ଆଦି ଧାରଣ କରି ନିଜର ଚତୁର୍ଭୁଜ ରୂପରେ ପ୍ରକଟ ହୋଇଗଲେ । ଏପରି ଅନେକ ଘଟଣା ରହିଛି, ଯେଉଁଥିରେ ସନ୍ଥ ନାମଦେବଙ୍କ ପ୍ରଭୁଭକ୍ତି, ଭଗବଦ୍ ଭକ୍ତି ଓ ସର୍ବତ୍ର ଭଗବଦ୍ ଦୃଷ୍ଟି ଦୃଷ୍ଟିଗୋଚର ହୋଇଥାଏ । ତାଙ୍କର ଜୀବନ ବାସ୍ତବରେ ନିରନ୍ତର ପ୍ରବାହିତ ହେଉଥିବା ଅମୃତର ଝରଣା ପରି, ଯେଉଁଥିରେ ବୁଡ଼ ପକାଇ ଆମେ ନିଜ ପାଇଁ ମଧ୍ୟ ଭଗବତ୍ କୃପା, ଭଗବଦ୍ ଦର୍ଶନର ମାର୍ଗ ପ୍ରଶସ୍ତ କରି ପାରିବା ।

ଯଦି ସାଧନା ସଚ୍ଚା ହୋଇଥିବ, ଭଗବାନଙ୍କ ପ୍ରତି ଅଟଳ ଶ୍ରଦ୍ଧା ଓ ବିଶ୍ୱାସ ଥିବ, ମନ ନିର୍ମଳ ହୋଇଥିବ ଆଉ ହୃଦୟ ସରୋବର ପ୍ରେମରେ ପରିପୂର୍ଣ୍ଣ ହୋଇଥିବ ତ ଭକ୍ତର ହୃଦୟରେ ଭଗବାନ ପ୍ରକଟ ହୋଇଥାନ୍ତି । ସେ ବିଭିନ୍ନ ରୂପରେ ଭକ୍ତକୁ ତୃପ୍ତ କରିଥାନ୍ତି । ଭଗବାନ ଅନ୍ତର୍ଯାମୀ ଅଟନ୍ତି, ତେଣୁ ସେ ଆମର ଅନ୍ତଃକରଣର ନିର୍ମଳତା ଓ ପବିତ୍ରତାକୁ ଦେଖନ୍ତି ।

ଭଗବାନ ସର୍ବବ୍ୟାପୀ, ତେଣୁ ସେ ଭକ୍ତର ପାତ୍ରତାକୁ ଦେଖି କେଉଁଠି ବି ପ୍ରକଟ ହୋଇ ପାରନ୍ତି ଭଗବାନ ସର୍ବଜ୍ଞ, ତେଣୁ ସେ ଆମର ଗୁଣ-ଦୋଷ, ଭଲ-ମନ୍ଦ ସବୁ କର୍ମକୁ ଜାଣନ୍ତି ଭଗବାନଙ୍କ ନିକଟରେ କିଛି ବି ଲୁଚି ରହେ ନାହିଁ ଓ ତାଙ୍କୁ କୌଣସି ଜିନିଷ ଲୁଚାଇ ରଖାଯାଇ ନ ପାରେ । ଭଗବାନଙ୍କୁ ଚତୁରତା ବା ଚପଳତା ଦ୍ୱାରା ନୁହେଁ, ବରଂ ନିର୍ମଳତା, ପବିତ୍ରତା ଓ ପ୍ରେମ ଦ୍ୱାରା ହିଁ ପ୍ରସନ୍ନ କରାଯାଇପାରେ ।

ଭଗବାନ ନିର୍ଗୁଣ-ନିରାକାର, କିନ୍ତୁ ଭକ୍ତର ପ୍ରେମରେ ବଶ ହୋଇ ପ୍ରକଟ ହୋଇଥାନ୍ତି । ଭଗବାନ ଅବ୍ୟକ୍ତ, କିନ୍ତୁ ଭକ୍ତର ପ୍ରେମରେ ବ୍ୟକ୍ତି ମଧ୍ୟ ହୋଇ ପାରନ୍ତି । ଭଗବାନ ଭକ୍ତବତ୍ସଳ ଅଟନ୍ତି, ତେଣୁ ସେ ଭକ୍ତର ଡାକକୁ ଅବଶ୍ୟ ଶୁଣନ୍ତି । ସେ ନିଜର ଭକ୍ତ ଉପରେ କୃପା ଅବଶ୍ୟ କରିଥାନ୍ତି । ସେ ଭକ୍ତ ଉପରେ ନିଜର ଅନୁଦାନ-ଅନୁଗ୍ରହ ଅବଶ୍ୟ ବରଷାନ୍ତି । ଏଣୁ ଯଦି ସାଧନା କରିବାର ଅଛି ତ ଆମେ ସଚ୍ଚା ସାଧନା କାହିଁକି ନ କରିବା ?

ଯଦି ଭକ୍ତି କରିବାର ଅଛି ତ ସଚ୍ଚା ଭଗବଦ୍ ଭକ୍ତି କାହିଁକି ନ କରିବା ? ସଚ୍ଚା ଗୁରୁଭକ୍ତି କାହିଁକି ନ କରିବା ? ନିଜ ମନର ମଳିନତାକୁ ଦୂର କରି ଓ ମନର ନିର୍ମଳତାକୁ ପାଇ ଆମେ ଭଗବଦ୍ ଦର୍ଶନ, ଭଗବତ୍ କୃପା, ଭଗବତ୍ ପ୍ରେମର ପାତ୍ର କାହିଁକି ନ ହେବା ? ସନ୍ଥ ନାମଦେବଜିଙ୍କ ଜୀବନରୁ ଏହି ସୂତ୍ର ଆମେ ଅବଶ୍ୟ ଗ୍ରହଣ କରିବା ଉଚିତ ।

# ଶରୀର ପାଇଁ ଉପକାରୀ ହେଙ୍ଗୁ

**ହେ**ଙ୍ଗୁରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ଏହାକୁ ଖାଇଲେ ରକ୍ତରେ ସୁଗାର ପରିମାଣ ସନ୍ତୁଳିତ ରହିଥାଏ । ଜଣେ ଡାଇବେଟିସ୍ ରୋଗୀ ନିୟମିତ ଏହାକୁ ଖାଇଲେ କିଛି କ୍ଷତି ନାହିଁ । ଆଣ୍ଠୁଗଣ୍ଠି



ଦରଜକୁ ନେଇ ଆପଣ ଚିନ୍ତିତ କି ? ଯଦି ହଁ, ତେବେ ପାଣିରେ ଅଳ୍ପ ହେଙ୍ଗୁ ମିଶାଇ ଯନ୍ତ୍ରଣା ସ୍ଥାନରେ ମାଲିସ କରନ୍ତୁ । ଏହାଦ୍ୱାରା ସେଥିରୁ କେତେକାଂଶରେ ଉପଶମ ମିଳିଥାଏ । ଅଳ୍ପ ପାଣିରେ ଚିମୁଟାଏ ହେଙ୍ଗୁ ଏବଂ ଅଳ୍ପ ଖାଇବା ସୋଡ଼ା ମିଶାଇ ପିଇଲେ କଫଜନିତ ସମସ୍ୟା ଦୂର ହୋଇଥାଏ । ଦାନ୍ତ ଦରଜ ଏବଂ ବିନ୍ଧାରୁ ଏହା କେତେକାଂଶରେ ଉପଶମ ଦେଇଥାଏ । ଦାନ୍ତର ସେହି ଦରଜ ସ୍ଥାନରେ ଛୋଟ ହେଙ୍ଗୁଟିଏ ରଖିଦେଲେ ସେଥିରୁ ଉପଶମ ମିଳିଥାଏ ।

# ‘ଚାଲ୍ ସ୍କୁଲ ଯିବା’ ସଚେତନତା ରଥର ଶୁଭାରମ୍ଭ

ସମ୍ବଲପୁର : ସମ୍ବଲପୁର ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷା ସଚେତନତା ରଥ ‘ଚାଲ ସ୍କୁଲ୍ ଯିବା’ର ଶୁଭାରମ୍ଭ ହୋଇଛି । ସମ୍ବଲପୁର ସଦର ଉପ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜୟଶ୍ରୀ ଦୋରା ଅତିଥି ଭାବେ ଯୋଗ ଦେଇ ପତାକା ଦେଖାଇ ଏହି ସଚେତନତା ରଥ ଉଦ୍‌ଘାଟନ କରିଥିଲେ । ଏହି ରଥ ସାରା ଜିଲ୍ଲାରେ ବୁଲି ଛାତ୍ରଛାତ୍ରୀ, ଅଭିଭାବକ ତଥା ଗୋଷ୍ଠୀ ସଦସ୍ୟ ମାନଙ୍କୁ ସଚେତନ କରାଇବ । ଅଙ୍ଗନବାଡ଼ି ଓ ବିଦ୍ୟାଳୟଗୁଡ଼ିକରେ ସମସ୍ତ ପିଲାଙ୍କ ନାମଲେଖା ସୁନିଶ୍ଚିତ କରାଇବା ଏବଂ ସର୍ବ ଶିକ୍ଷା ଅଭିଯାନର ବିଭିନ୍ନ ସୁବିଧା ସୁଯୋଗ ବାବଦରେ ଅଭିଭାବକ ଓ ଗୋଷ୍ଠୀର ସଦସ୍ୟମାନଙ୍କୁ ଏହି ସଚେତନତା ରଥ ମାଧ୍ୟମରେ ଅବଗତ କରାଯିବ ବୋଲି ଶିକ୍ଷା ବିଭାଗ ପକ୍ଷରୁ କହାଯାଇଛି । କୋଭିଡ ମହାମାରୀ ଯୋଗୁଁ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକ ପ୍ରାୟ ଦୁଇବର୍ଷ ହେଲା ବନ୍ଦ ହୋଇ ରହିଥିଲା । ସ୍କୁଲ ବନ୍ଦ ସମୟରେ ରାଜ୍ୟ ସରକାର ଅନ୍‌ଲାଇନରେ ୟୁଟ୍ୟୁବ ମାଧ୍ୟମରେ ଶିକ୍ଷା ପ୍ରଦାନ କରୁଥିଲେ । କିନ୍ତୁ ଏହା ଦ୍ୱାରା ଶତ ପ୍ରତିଶତ ଛାତ୍ରଛାତ୍ରୀ ଉପକୃତ ହୋଇ ପାରୁ ନ ଥିଲେ । ଏବେ କୋଭିଡ ମହାମାରୀ ଧୀରେ ଧୀରେ ସମାପ୍ତ ହୋଇଥିବାରୁ ପୁଣି ରାଜ୍ୟ ସରକାର ସ୍କୁଲ ଗୁଡିକ ଖୋଲିବା ନେଇ ନିଷ୍ପତ୍ତି କ୍ରମେ ସ୍କୁଲଗୁଡିକ ଖୋଲିଛି । ତେବେ ଗତ ଦୁଇବର୍ଷ ହେଲା ପିଲାମାନେ ସ୍କୁଲ ମୁହାଁ ହୋଇପାରି ନ ଥିବାରୁ ଏବେ ସ୍କୁଲ ଯିବାକୁ ଅମଙ୍ଗ ହେଉଥିବା ଲକ୍ଷ୍ୟ କରାଯାଇଛି । ଗତ ସପ୍ତାହରେ ସମ୍ବଲପୁର ଜିଲ୍ଲାରେ ପ୍ରାଥମିକ ଶିକ୍ଷା ଗ୍ରହଣ କରୁଥିବା ପାଖାପାଖି ୧୫ ହଜାର ଛାତ୍ରଛାତ୍ରୀ ବିଦ୍ୟାଳୟ ଆସୁ ନଥିବା ଦେଖିବାକୁ ମିଳିଥିଲା । ତେବେ ସ୍କୁଲ ଆସୁ ନଥିବା ଛାତ୍ରଛାତ୍ରୀଙ୍କୁ ସ୍କୁଲ୍ ଫେରାଇ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ଏହି ସଚେତନତା ରଥ ଆରମ୍ଭ କରାଯାଇଛି । ଏହି ଅବସରରେ ଧନକଉଡ଼ା ବିଇଓ ଡକ୍ଟର ସୁରେନ୍ଦ୍ର କୁମାର ସାହୁ ଓ ଏବିଇଓ ରମେଶ ମିଶ୍ର ଉପସ୍ଥିତ ଥିଲେ । ସଞ୍ଜୟ ବର୍ମା, କୁନ୍ଦନ ଭୋଇ, ସୁରେଶ ଚୌହାନ, ଉଦୟଶଙ୍କର ଦାଶ, ଅମିତ କୁମାର ପଶାୟତ ଏଥିରେ ସହଯୋଗ କରିଥିଲେ ।



## ପ୍ରଜିତ ଭୋଜ ଦେବଗଡ଼ ପୌର ଉପାଧ୍ୟକ୍ଷ

ଦେବଗଡ : ବିଜେପିର ପ୍ରଜିତ ଭୋଜ ଦେବଗଡ଼ ପୌର ପରିଷଦ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ସେ ବିଜେଡି ପ୍ରାର୍ଥୀ ଜତିନ ନାୟକଙ୍କୁ ୭-୩ ଭୋଟରେ ପରାସ୍ତ କରିଛନ୍ତି । ମୋଟ୍ ୧୧ ଜଣ କାଉନସିଲରଙ୍କ ମଧ୍ୟରୁ ୧୦ ଜଣ ମତଦାନ କରିଥିବା ବେଳେ ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର ଦେବତା ଭୋଟ୍ ଦାନରୁ ବିରତ ରହିଥିଲେ । ୧୧ ୱାର୍ଡ ବିଶିଷ୍ଟ ଦେବଗଡ଼ ପୌର ପରିଷଦରେ ବିଜେପିରୁ ୬, ବିଜେଡିରୁ ୪ ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିଲେ ।

## ତପସ୍ୱିନୀ ମେହେର ବିନିକା ଏନଏସି ଉପାଧ୍ୟକ୍ଷା

ବିନିକା: ଲଗାତାର ତୃତୀୟ ଥର ଉପାଧ୍ୟକ୍ଷ ହୋଇ ହ୍ୟାଟ୍ରିକ ଅର୍ଜନ କରିବାପରେ ପୁଣିଥରେ ନୂଆଁ ଇନିଂସ ଆରମ୍ଭ କରିଛନ୍ତି ତପସ୍ୱିନୀ ମେହେର । ବିନିକା ଏନ୍‌ଏସି ୧୨ନଂ ୱାର୍ଡର ବିଜେଡି ବିଜୟୀ ପ୍ରାର୍ଥିନୀ ତପସସ୍ୱନୀ ନିର୍ଦ୍ୱନ୍ଦରେ ବିନିକା ଏନ୍.ଏ.ସି ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି ।

# ଧନକଉଡ଼ା ବ୍ଲକସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

ସମ୍ବଲପୁର : ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଧନକଉଡ଼ା ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଧନକଉଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଗିରିଧାରୀ ହୋତା ମୁଖ୍ୟ ଅତିଥି, ମହିଳା’ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ସନ୍ତୋଷ ଦାଶ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏବିଇଓ ପଦ୍ମିନୀ ନାଏକ, ରମେଶ ମିଶ୍ର ଉପସ୍ଥିତ ଥିଲାବେଳେ ସୁସ୍ମିତା ପାଙ୍ଗଯୋଶୀ ଧନ୍ୟବାଦ ଦେଇଥିଲେ । ଏଥିରେ ମୋଟ ୮୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସବୁ ପ୍ରକଳ୍ପ ବୁଲି ଦେଖିଥିଲେ ଓ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ବାଲିବନ୍ଧା ହାଇସ୍କୁଲ୍ ପ୍ରଧାନ ଶିକ୍ଷୟିତ୍ରୀ ସିନି ବାଡା, ପୁଷ୍ପାଞ୍ଜଳି ମିଶ୍ର, ପଙ୍କଜିନୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ବୁଢ଼ାରଜା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହୀପାଲ ସ୍ୱାଇଁ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ବରିଷ୍ଠ ଶିକ୍ଷକ ହରି ନାରାୟଣ ପଣ୍ଡା, ବବ୍ରୁବାହନ ଭୋଇ, ଅସୀମ ପ୍ରଧାନ, ମାନସ ମିଶ୍ର, ପ୍ରଦୀପ କୁମାର ସାହୁ, ମଦନ-ମୋହନ ମାଝି, ରଚନା ସିଂହ, ମାନସ ମିଶ୍ର, ସତ୍ୟଭାମା ସାହୁ, ବିଧୁମୋହନ ରାଉତ, ରୋଜି ତ୍ରିପାଠୀ, ସବୀର ନାଥ, ପୁଷ୍ପାଞ୍ଜଳି ସାହୁ ପ୍ରମୁଖ ସହଯୋଗ କରିଥିଲେ ।



## ସମ୍ବଲପୁରରେ ପ୍ରଥମ ମହିଳା ସେବା ବିଦ୍ୟୁତ୍ ଗ୍ରାହକ କେନ୍ଦ୍ର ଉଦ୍‌ଘାଟିତ

ସମ୍ବଲପୁର : ବିଦ୍ୟୁତ୍ ଗ୍ରାହକମାନଙ୍କର ସେବା ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଗୁଡିକର ତ୍ୱରିତ ସମାଧାନ ପାଇଁ ଟିପିଡବ୍ଲ୍ୟୁଡିଏଲ୍‌ର ପ୍ରଥମ ମହିଳା ପରିଚାଳିତ ବିଦ୍ୟୁତ୍ ଗ୍ରାହକ ସେବା କେନ୍ଦ୍ର କାଳିବାଡି ଠାରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି ଗ୍ରାହକ ସେବା କେନ୍ଦ୍ର ପ୍ରତ୍ୟେକ ଦିନ ସକାଳ ୯ଟା ରୁ ରାତ୍ରି ୬ଟା ପର୍ଯ୍ୟନ୍ତ ଖୋଲା ରହିବ । ଏହି କେନ୍ଦ୍ରରେ ଗ୍ରାହକମାନଙ୍କୁ ଧାଡିବାନ୍ଧି ଛିଡା ହେବାକୁ ପଡିବ ନାହିଁ । ସେମାନେ ମେସିନ୍‌ରୁ ନିଜେ ନିଜ ଟୋକନ୍ ନେଇ ମନିଟରରେ ପଦର୍ଶିତ ତଥା ଧ୍ୱନି ପ୍ରଣାଳୀରେ ଅବଗତ ହେଲାପରେ ଉଦ୍ଦିଷ୍ଟ କାଉଣ୍ଟରରେ ବିଲ୍ ପୈଠ (ଡିଜିଟାଲ୍ ପେମେଣ୍ଟର ମଧ ସୁବିଧା), ନୂତନ ବିଦ୍ୟୁତ୍ ସଂଯୋଗ ଓ ଫିଉଜ କଲ୍ ଆଦି ସେବା ପାଇବା ସହିତ ଗ୍ରାହକମାନେ ସେମାନଙ୍କର ମିଟର୍ ଓ ବିଲ୍ ସଂପର୍କୀତ ସମସ୍ତ ଅଭିଯୋଗ ଓ ସମସ୍ୟାର ନିରାକରଣ ଏଠାରେ କରିପାରିବେ । ଟୋଲ୍ ଫ୍ରି ନଂ : ୧୮୦୦୩୪୫୬୭୯୮ ଜରିଆରେ ଗ୍ରାହକମାନେ ନିଜର ସମସ୍ୟା ସମ୍ପର୍କରେ ଯୋଗାଯୋଗ କରିପାରିବେ । ଏହି କାର୍ଯ୍ୟକ୍ରମରେ କମ୍ପାନୀର ମୁଖ୍ୟ ନିର୍ବାହୀ ଅଧିକାରୀ ଗଜାନନ୍ କାଲେ ମଧ ଉପସ୍ଥିତ ଥିଲେ ।

## ଲଲାଟେନ୍ଦୁ ପରିଡ଼ା ସୁନ୍ଦରଗଡ଼ ପୌର ଉପାଧ୍ୟକ୍ଷ

ସୁନ୍ଦରଗଡ଼ : ସୁନ୍ଦରଗଡ ପୌର ପରିଷଦ ୬ନମ୍ବର ୱାର୍ଡର ବିଜେଡି କାଉନସିଲର ଲଲାଟେନ୍ଦୁ ପରିଡା ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ଲଲାଟେନ୍ଦୁ ବିଜେଡିର ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ । ତେଣୁ ପୌର ନିର୍ବାଚନ ଅଧିକାରୀ ତାଙ୍କୁ ନର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ଘୋଷଣା କରିଥିଲେ । ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସଂପାଦକ ଯୋଗେଶ କୁମାର ସିଂ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ନାଏକ ଜିଲା ଆଇନଜୀବୀ ସାମ୍ମୁଖ୍ୟର ଆବାହକ ଅଶୋକ କୁମାର ସ୍ୱାଇଁ , ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ଶାହାବାଜ୍ ହୁସେନ୍, ଯୁବନେତା ଉମେଶ ଶର୍ମା, ଲିଙ୍କନ ପୁରୋହିତ, ସୁନୀଲ ମହାପାତ୍ର, ଷ୍ଟିପେନ୍ ସୋରେଙ୍ଗ, ଦଳୀୟ ନେତୃବୃନ୍ଦଙ୍କ ସମେତ ସମସ୍ତ ବିଜେଡି କାଉନସିଲର ନବନିର୍ବାଚିତ ଉପାଧ୍ୟକ୍ଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଓଡିଶା- ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ବୀରମିତ୍ରପୁର ପୌରପାଳିକାର ଉପାଧ୍ୟକ୍ଷ ଭାବେ ନିବେଦିତା ବାଗେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ବିଜେଡ଼ି ପ୍ରାର୍ଥିନୀ ନିବେଦିତା ୧ ନମ୍ବର ୱାର୍ଡରୁ କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କୁ ବିଜେଡ଼ି ପକ୍ଷରୁ ଏହି ପୌରପାଳିକାର ଉପାଧ୍ୟକ୍ଷ ଭାବେ ପ୍ରାର୍ଥୀ କରାଯାଇଥିଲା । ୧୧ଟି ୱାର୍ଡ ବିଶିଷ୍ଟ ବୀରମିତ୍ରପୁର ପୌରପାଳିକା ନିର୍ବାଚନରେ ୯ଟି ୱାର୍ଡ ବିଜେଡ଼ି ହାତକୁ ଯାଇଥିଲା । ଉଭୟ କଂଗ୍ରେସ ଓ ଭାଜପାର ମାତ୍ର ଜଣେ ଲେଖାଏ କାଉନସିଲର ବିଜୟୀ ହୋଇଥିଲେ । ଫଳରେ ଉପାଧ୍ୟକ୍ଷ ନିର୍ବାଚନରୁ କଂଗ୍ରେସ ଓ ଭାଜପା ଦୂରେଇ ରହିବାରୁ ବିଜେଡ଼ି ପ୍ରାର୍ଥିନୀ ନିବେଦିତା ନିରେ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି ।

ରାଜଗାଙ୍ଗପୁର ପୌର ପରିଷଦର ଉପାଧ୍ୟକ୍ଷ ଭାବେ ଏମ.ଡି ଇରଫାନ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ଇରଫାନ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ନିର୍ଦ୍ଧାରିତ ସମୟ ସୀମା ଭିତରେ ଆଉ କେହି ପ୍ରାର୍ଥୀପତ୍ର ଦାଖଲ କରି ନ ଥିଲେ । ଫଳରେ ସେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଘୋଷଣା କରିଥିଲେ ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ ‘ସ୍ୱୀକାର’ ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement - 100% Extra | | |

# ଏମ୍.ସି.ଏଲ୍‌ର ୩୧ ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ









ବୁର୍ଲା : ମହାନଦୀ କୋଲ୍‌ଫିଲ୍‌ଡସ୍ ଲିମିଟେଡ୍(ଏମ୍‌ସିଏଲ୍)ର ୩୧ ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇ ଯାଇଛି। ଏହି ଅବସରରେ ଅଧିକାରୀମାନଙ୍କ ଗହଣରେ କେକ୍ କଟାରୁ ଆରମ୍ଭ କରି ଗଣଦୌଡ଼, ଗଲ୍ଫଟୁର୍ଣ୍ଣାମେଣ୍ଟ, ଆଲୋଚନାଚକ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆନନ୍ଦ ବିହାର ପଡ଼ିଆରୁ ଜାଗୃତି ବିହାର ପର୍ଯ୍ୟନ୍ତ ହୋଇଥିବା ଗଣଦୌଡ଼କୁ ସି.ଏମ୍.ଡି ଓ.ପି. ସିଂହ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏମ୍‌ସିଏଲ୍‌ର ବହୁ କର୍ମଚାରୀ ସାମିଲ ହୋଇଥିଲେ। ଏହି ଅବସରରେ ଦେଶର ବିକାଶ ତଥା ଏମ୍‌ସିଏଲ୍ ବିକାଶ ନାରା ଦିଆଯାଇଥିଲା। ଗଣଦୌଡ଼ର ବିଭିନ୍ନ ବର୍ଗରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏମ୍‌ସିଏଲ୍ ସିଏମ୍‌ଡି ଓ.ପି ସିଂହ, ବିତ୍ତ ନିର୍ଦ୍ଦେଶକ କେ.ଆର୍. ବାସୁଦେବନ୍, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ କୁମାର ପଟେଲ, ପୂର୍ବତନ ସି.ଆଇ.ଏଲ୍‌ର ଅଧ୍ୟକ୍ଷ ଏ.କେ. ଝା, ପୂର୍ବତନସି.ଏମ୍.ଡି ଏସ୍.ଏନ୍.ଶର୍ମା,ଭୋଳାନାଥ ଶୁକ୍ଲା, ଏସ୍.ଆର୍ ଉପାଧ୍ୟାୟ, ପି.କେ. ସିହ୍ନା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ସେହିପରି ମହିଳାମାନଙ୍କର ଗଣଦୌଡ଼କୁ ଜାଗୃତି ମହିଳା ମଣ୍ଡଳର ପୂର୍ବତନ ଅଧ୍ୟକ୍ଷା ଶ୍ରୀମତୀ ମଞ୍ଜୁଳା ଶୁକ୍ଲା ମହିଳା ମଣ୍ଡଳର ଅଧ୍ୟକ୍ଷା ଶ୍ରୀମତୀ ପଦ୍ମଜା ସିଂ, ଶ୍ରୀମତୀ ପଦ୍ମିନୀ ବାସୁଦେବନ, ଶ୍ରୀମତୀ ସରୀତା ପଟେଲଙ୍କ ଉପସ୍ଥିତିରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାପରେ ପିଏସୟୁସ୍. କୁଏଷ୍ଟ ଫର୍ ଏକ୍ସଲେନ୍ସ ଶୀର୍ଷକ ଏକ ଆଲୋଚନାଚକ୍ରରେ ସାହିତ୍ୟିକ ଡକ୍ଟର ଦେବଦତ୍ତ ପଟ୍ଟନାୟକ ଭାଷଣ ଦେଇଥିଲେ। ଏହାସହ ପ୍ରତିଷ୍ଠା ଦିବସ ଅବସରରେ ଏମ୍‌ସିଏଲ୍‌ର ୯ଟି ଡିଏଭି ସ୍କୁଲକୁ ନେଇ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ବ୍ରଜରାଜନଗର ଇବ୍ ଭେଲି ଡିଏଭି ସ୍କୁଲ ପ୍ରଥମ, ବନ୍ଧବାହାଳ ଡିଏଭି ଦ୍ୱିତୀୟ ଓ ବ୍ରଜରାଜନଗର ଏସ୍‌ଓସିପି ଡିଏଭି ସ୍କୁଲ ତୃତୀୟ ସ୍ଥାନ ହାସଲ କରିଥିଲେ। ଏମ୍.ସି.ଏଲ୍ ସି.ଏମ୍.ଡି ଓ.ପି. ସିଂହ ଓ ଜାଗୃତି ମହିଳା ମଣ୍ଡଳ ଅଧ୍ୟକ୍ଷା ପଦ୍ମଜା ସିଂହ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଏହି ଅବସରରେ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍‌ସିଏଲ୍ ମୁଖ୍ୟାଳୟର କର୍ମଚାରୀଙ୍କ ସମେତ ଇବ୍ ଓ ତାଳଚେର କୋଇଲାଞ୍ଚଳର କର୍ମଚାରୀ ଭାଗ ନେଇଥିଲେ। ଏମ୍.ସି.ଏଲ୍‌ର ସି.ଏମ୍.ଡି ଓ.ପି. ସିଂହ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ କମ୍ପାନୀର ବିତ୍ତ ନିର୍ଦ୍ଦେଶକ କେ.ଆର୍. ବାସୁଦେବନ୍, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପି.କେ ପଟେଲ, ପୂର୍ବତନ ସି.ଏମ୍.ଡି ଏସ୍.ଏନ୍. ଶର୍ମା, ଏସ୍.ଆର୍ ଉପାଧ୍ୟାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା।

















Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra